ଧରିତ୍ରୀ
DHARITRI

July 11-17, 2021 ₹ 2/-

# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



# ମହାପ୍ରଭୁଙ୍କ ସେବାରେ ବାଳକ

ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁଦିଅଁ ଭାବେ ଜଗତେ ଖ୍ୟାତ। ସେ ଯେପରି ଅନନ୍ୟ, ତାଙ୍କ ନୀତିକାନ୍ତି ବି ସେପରି ସ୍ୱତନ୍ତ୍ର। ତାଙ୍କ ସେବାରେ କେବଳ ବୟସ୍କ କି ଯୁବକ ନୁହନ୍ତି ବାଳକ ବି ହୁଅନ୍ତି ସାମିଲ। ତେଣୁ ସେ ସମସ୍ତଙ୍କର, ସାରା ଜଗତର କାଳିଆ ଠାକୁର...

୮/୯
ସିନେମା

୧୧



# ଘରେ କ'ଣ ଥିଲେ ମା' ଲକ୍ଷ୍ମୀ ହେବେ ଅସନ୍ତୁଷ୍ଟ

**ବାସ୍ତୁଶାସ୍ତ୍ର ଅନୁସାରେ, ଘର ପରିବେଶ ସଫା, ସୁତୁରା ରହିଲେ ମା' ଲକ୍ଷ୍ମୀ ଖୁସି ହୋଇଥାନ୍ତି ଆଉ ତାଙ୍କରି ଆଶୀର୍ବାଦରୁ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ପାଇଥାଏ। ହେଲେ ଘରେ କେଉଁ ଜିନିଷ ରହିଲେ ଲକ୍ଷ୍ମୀ ମାତା ଅସନ୍ତୁଷ୍ଟ ହୁଅନ୍ତି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



*ଫଟା କିମ୍ବା ଭାଙ୍ଗି ଯାଇଥିବା କାଚ, ଭଙ୍ଗା ପଲଙ୍କ, କବାଟ ଅବା ଆସବାବପତ୍ର, ଅଦରକାରୀ ବାସନକୁସନ, ବନ୍ଦ ହୋଇଯାଇଥିବା ଘଣ୍ଟା, ଭଗବାନଙ୍କର ଭଙ୍ଗା ମୂର୍ତ୍ତି, ନଷ୍ଟ ହୋଇଯାଇଥିବା ଚିତ୍ର କିମ୍ବା ଇଲେକ୍ଟ୍ରୋନିକ୍ ଜିନିଷ, ଚାଲୁ ନ ଥିବା ପେନ୍ ଇତ୍ୟାଦିକୁ ଘରେ ରଖିଲେ ଘରର ଐଶ୍ୱର୍ଯ୍ୟ ନଷ୍ଟ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ତା'ଛଡ଼ା ଏସବୁ ଜିନିଷ ଘରେ ଥିଲେ ଘରେ ଆର୍ଥିକ ସମସ୍ୟା ଦେଖାଦେବା ସହ ଘରର ସଦସ୍ୟଙ୍କ ମାନସିକ ଚିନ୍ତାର ଅନ୍ୟତମ କାରଣ ମଧ୍ୟ ସାଜିଥାଏ।

*କେବଳ ସେତିକି ନୁହେଁ, ପରିବାର ସଦସ୍ୟଙ୍କ ଉନ୍ନତିରେ ଏହି ସବୁ ଅଦରକାରୀ ଜିନିଷ ବାଧା ସୃଷ୍ଟି କରାଇବା ସହ ପତ୍ନୀ-ପତିଙ୍କ ବୈବାହିକ ଜୀବନରେ ନକାରାତ୍ମକ ପ୍ରଭାବ ମଧ୍ୟ ପକାଇଥାଏ।

*ତେଣୁ ଏସବୁ ଜିନିଷକୁ ଘରୁ ଯେତେ ଶୀଘ୍ର ସଫା କରିଦେବେ ସେତେ ଭଲ; ଯଦ୍ୱାରା ମା' ଲକ୍ଷ୍ମୀ ଖୁସି ହେବା ସହ ଘରେ ସୁଖ, ଶାନ୍ତି ବଜାୟ ରହିବ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୧-୧୭

**ମେଷ**



ମାନସିକ ସ୍ଥିରତା ଆସିବ, ଅର୍ଥପ୍ରାପ୍ତିରୁ ଆନନ୍ଦ, କଳାସାହିତ୍ୟରେ ପ୍ରଶଂସା, ପାରିବାରିକ ସଦ୍‌ଭାବ ବୃଦ୍ଧି, ନୂତନବନ୍ଧୁ ସମ୍ପର୍କ ସ୍ଥାପନ, ବ୍ୟବସାୟିକ ସଫଳତା ହାସଲ। ଶାରୀରିକ ଅସୁସ୍ଥତା, ଆତ୍ମୀୟଙ୍କ ସହାନୁଭୂତି ପାଇବେ, ବିବାଦୀୟ କଥାରୁ କଳହ।

**ବୃଷ**




କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ ଲାଭ, ଜମିଜମା ରେଜିଷ୍ଟ୍ରେସନ, ନୂତନ ଯାନବାହନ କ୍ରୟ, ବିଦେଶ ଯାତ୍ରାର ସୁଯୋଗ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ମନୋରଞ୍ଜନର ମଉକା।

**ମିଥୁନ**



ମାନସିକ ଅସ୍ଥିରତା, ଆର୍ଥିକ ସଙ୍କଟ, ବନ୍ଧୁଙ୍କ ସହାୟତା, ସହକର୍ମୀଙ୍କ ଆକ୍ଷେପୋକ୍ତି, ପଡ଼ୋଶୀଙ୍କ ପାଇଁ ତ୍ୟାଗ, ପାରିବାରିକ ଅସୁସ୍ଥତା, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ।

**କର୍କଟ**



ବନ୍ଧୁଙ୍କ ସହଯୋଗ, ଶୁଭଖବର ପ୍ରାପ୍ତି, ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ସାମୟିକ ଆଶ୍ୱସ୍ତି, ବଚସାରୁ କଳହ, କାମ ବିଗିଡିଯିବ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ନୂତନ ମୈତ୍ରୀ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ଆନୁଷ୍ଠାନିକ କାମ।

**ସିଂହ**



ବ୍ୟୟବହୁଳ କାର୍ଯ୍ୟ, ଧୈର୍ଯ୍ୟହାନି, ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ, କଚେରି ମାମଲାରେ ବାଇଦା, ଋଣ ପରିଶୋଧ ପାଇଁ ଚାପ, ପୈତୃକ ସମ୍ପତ୍ତିରେ ଟଣାଓଟରା, ସ୍ତ୍ରୀଙ୍କ ସହ ମନୋମାଳିନ୍ୟ।

**କନ୍ୟା**



ଭୋଗବିଳାସର ଆସର, ଆଶା ମଉଳିଯିବ, ରୋଗବ୍ୟାଧିର ପୀଡ଼ା, ଯାନ୍ତ୍ରିକଜିନିଷ କ୍ରୟ, ଜମିବାଡି ବନ୍ଧକ, ନିର୍ମାଣରେ ବିବାଦ, ରାଜନୈତିକ ଶତ୍ରୁତା, ରଚନାତ୍ମକ କାମରୁ ପ୍ରଶଂସା, ମତାନ୍ତରରୁ କଳହ, ଧର୍ମକାର୍ଯ୍ୟରେ ବାଧା, ପିତୃବର୍ଗରେ ପୀଡ଼ା।

**ତୁଳା**



ନୂତନ କର୍ମାରମ୍ଭର ପ୍ରଚେଷ୍ଟା, ବ୍ୟୟ ସଂକୋଚର ବିକଳ୍ପ, ସମ୍ପର୍କୀୟଙ୍କ ଅନୁକମ୍ପା, ମନୋବଳ ବୃଦ୍ଧି, ଖଳଲୋକଙ୍କ ପ୍ରାଦୁର୍ଭାବ, ଭ୍ରାତୃସମ୍ପର୍କରେ ନ୍ୟୁନତା। ଅସାବଧାନତାରୁ ଆଘାତ, ରପ୍ତାନି ବାଣିଜ୍ୟରେ ବାଧା, ବନ୍ଧୁଙ୍କ ସ୍ୱାସ୍ଥ୍ୟରେ ଉଦ୍‌ବେଗ।

**ବିଛା**



ନିରାଶାର ପରିସମାପ୍ତି, ସରକାରୀ ସ୍ତରରୁ ସୁବିଧା, ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ, ସଭା ସମିତିରୁ ସମ୍ମାନ, ଗବେଷଣାରେ ସଫଳତା, ନୀଚସଙ୍ଗରୁ ଅପନିନ୍ଦା, ମାଦକଦ୍ରବ୍ୟରୁ ସ୍ୱାସ୍ଥ୍ୟହାନି।

**ଧନୁ**



ପାରିବାରିକ ସୌହାର୍ଦ୍ଦ୍ୟ, ସ୍ୱଜନଙ୍କ ସୁପରାମର୍ଶ। ସନ୍ତୁଳିତ ମନ, ଗୃହଭୂମି କ୍ରୟ, ପ୍ରଶାସନିକ ଅସ୍ଥିରତା, ସଂଗଠନରେ ସଫଳତା, ଅର୍ଥ ସମ୍ପର୍କୀୟ ଆଲୋଚନା, ଫାଇଲ୍ କାମରେ ବିଳମ୍ବ, ପ୍ରତିବନ୍ଧକ ଦୂର ହେବ।

**ମକର**



ସମସ୍ୟା ସମାଧାନ, ଦୂରଯାତ୍ରାରେ ଯୋଜନା, ପ୍ରକଳ୍ପ କାର୍ଯ୍ୟାରମ୍ଭ, ବନ୍ଧୁଙ୍କ ସହ ଆଲୋଚନା, ବୈଷୟିକ ଉନ୍ନତି, ବନ୍ଧୁଙ୍କ ସହଯୋଗ, କ୍ରନିକ୍ ରୋଗର ପ୍ରାଦୁର୍ଭାବ, ମାନସିକ ଦୁଶ୍ଚିନ୍ତା , ଉନ୍ନତ ବ୍ୟବସାୟିକ ସ୍ଥିତି, କଳାସାହିତ୍ୟରେ ଅନୁରାଗ।

**କୁମ୍ଭ**



କର୍ମକ୍ଷେତ୍ରରେ ସମସ୍ୟା, ସହକର୍ମୀଙ୍କ ସହାୟତା, ବ୍ୟବସାୟ ପ୍ରତିଷ୍ଠାନ ଖୋଲିବେ, ଶେୟାର ବଜାରରେ ନିମ୍ନାଙ୍କ। ଭୁଲ୍ ବୁଝାମଣାରୁ କଳହ, ବିବାଦର ସମାଧାନ। ଲେଖାପଢାରେ ଉନ୍ନତି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା।

**ମୀନ**



ପରୋପକାରରୁ ପ୍ରଶଂସା, ପରିଭ୍ରମଣର ସୁଯୋଗ, ଯାତ୍ରାରେ ସଫଳତା, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା। ବନ୍ଧୁମାନଙ୍କ ଅନାଦର, ପାରିବାରିକ ଅଶାନ୍ତି, ପରୋକ୍ଷ ଶତ୍ରୁତା, ବନ୍ଧୁମିଳନର ଆନନ୍ଦ, ନୂତନ ନିଯୁକ୍ତି, ନୂତନମୈତ୍ରୀ।

# କେଉଁ ରାଶିର ମହିଳା କେତେ ଭାଗ୍ୟଶାଳୀ



କୁହାଯାଏ, ପ୍ରତ୍ୟେକ ମଣିଷ ନିଜ ସାଥିରେ ନିଜ ଭାଗ୍ୟ ନେଇ ଜନ୍ମ ହୋଇଥାନ୍ତି। ସେଥିପାଇଁ ପ୍ରତ୍ୟେକଙ୍କର ଭାଗ୍ୟ ପରସ୍ପରଠାରୁ ଅଲଗା ହୋଇଥାଏ। କାହାକୁ ଜୀବନରେ ଶୀଘ୍ର ସଫଳତା ମିଳିଯାଏ ତ କିଏ ବହୁ ପରିଶ୍ରମ କରିବା ପରେ ବି ତାକୁ ସଫଳତା ମିଳେ ନାହିଁ। ସେଥିପାଇଁ ଜ୍ୟୋତିଷ ଶାସ୍ତ୍ରରେ କିଛି ଭାଗ୍ୟଶାଳୀ ରାଶି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ବିଶେଷ କରି ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ବୃଷ, କର୍କଟ, ଧନୁ ତଥା ମୀନ ରାଶିର ମହିଳାମାନଙ୍କୁ ଖୁବ୍ ଭାଗ୍ୟବତୀ ବୋଲି ବିବେଚନା କରାଯାଇଥାଏ। କୁହାଯାଏ, ବୃଷ ରାଶିର ମହିଳାମାନେ ଯେମିତି ବୁଦ୍ଧିମାନ ସେମିତି ପରିଶ୍ରମୀ ବି ହୋଇଥାନ୍ତି। ଏମାନେ ନିଜ ସହିତ ନିଜ ପରିବାର ପାଇଁ ସୌଭାଗ୍ୟ ଆଣି ଦେଇଥାନ୍ତି। ସେହିପରି କର୍କଟ ରାଶିର ମହିଳାମାନେ ଯେଉଁ କାମରେ ହାତ ଦେଇଥାନ୍ତି, ସେଥିରେ ସେମାନେ ନିଶ୍ଚୟ ସଫଳତା ପାଇଥାନ୍ତି। ଅନ୍ୟପକ୍ଷେ ଧନୁ ଓ ମୀନ ରାଶିର ମହିଳାମାନେ ନିଜ ସହିତ ଅନ୍ୟମାନଙ୍କ ପାଇଁ ବି ଭାଗ୍ୟଶାଳୀ ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ। ଏମାନେ ଉଭୟ ବାପଘର ଓ ଶାଶୁଘର ଲୋକଙ୍କ ପାଇଁ ଲକି ସାବ୍ୟସ୍ତ ହୋଇଥାନ୍ତି।

# ପାଠକୀୟ

*ବୟସ ହସି ଖେଳି ବୁଲିବାର। ହେଲେ ଭାଗ୍ୟ ଖେଳିଛି ସେମାନଙ୍କ ସହ ବଡ଼ ଦାରୁଣ ଖେଳ। ବୁଝିବା ଶୁଝିବା ବୟସ ହେବା ପୂର୍ବରୁ ଛଡ଼େଇ ନେଇଛି ସେମାନଙ୍କ ଉପରୁ ବାପା,ମା'ଙ୍କ ହାତ। ତେଣୁ ଏଭଳି ଏକ ଦାରୁଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପଚ୍ଛଦ ପ୍ରସଙ୍ଗ 'ଲିଭିଯାଇଛି ଶୈଶବର ହସ' ଏକ ନିଆରା ଆଲେଖ୍ୟ ଥିଲା। 'ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତିର ଉପକାରିତା' ସମ୍ପର୍କରେ ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଆଲୋଭେରାର ଉପକାରିତା' ଏକ ଚମତ୍କାରୀ ବିଷୟ ଥିଲା।

***-ରମେଶ ଭୋଇ, ଝାରସୁଗୁଡ଼ା***

*ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଲିଭିଯାଇଛି ଶୈଶବର ହସ' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଲୋକକଳା, ଲୋକନୃତ୍ୟକୁ ନେଇ ଗୀତ ଲେଖୁଥିବା ଓ ତାକୁ ରୂପ ଦେଉଥିବା ଅନନ୍ୟ ପ୍ରତିଭା ସଚ୍ଚି ମହାନ୍ତିଙ୍କ ଜୀବନ ସମ୍ପର୍କରେ ବହୁ ଜଣା ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଆଖି ଯେବେ କଥା କୁହେ' ନାମକ ଗପଟି ମୋ ମନକୁ ବେଶ୍ ଛୁଇଁଗଲା।

***-ଭବାନୀ ପ୍ରଧାନ, ବରପାଲି, ବରଗଡ଼***

*ଏଥରର ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ହୋଇଥିଲା। ଖାସ୍ କରି ଏଥିରେ ସ୍ଥାନିତ 'ଭୁଲି ପାରୁ ନାହାନ୍ତି କଙ୍ଗନା', 'କୁଲ୍ ଲୁକ୍ ଆଲିୟା', 'ଆଶାରେ ଅନନ୍ୟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ମନଛୁଆଁ ହୋଇଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଲୋକପ୍ରିୟ ସିତାରିଷ୍ଟ ଯୋଗେଶ ଦତ୍ତଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋତେ ବହୁତ ଭଲ ଲାଗିଥିଲା। ସାଥୀର ଉତ୍ତର ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା।

***-ଜିତେନ୍ଦ୍ର ବଳିୟାରସିଂହ, କେନ୍ଦ୍ରାପଡ଼ା***

*'ଦାମୀ ଛତା' ସମ୍ପର୍କିତ ଆଲେଖ୍ୟଟି ସତରେ ଖୁବ୍ ତଥ୍ୟପୂର୍ଣ୍ଣ ହୋଇଥିଲା। ମଡେଲ୍ ମିରର୍‌ରେ ପ୍ରୀତି ବେଶ୍ ସୁନ୍ଦରୀ ଲାଗୁଥିଲେ। ଦକ୍ଷିଣ ଭାରତର ଚେରାପୁଞ୍ଜି ଅଗୁମ୍ବେ ସମ୍ପର୍କରେ ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। '୯୦ ବର୍ଷୀୟା ଫିଟନେସ୍ ଟ୍ରେନର୍'ଙ୍କ ସମ୍ପର୍କରେ ବିବିଧା ପୃଷ୍ଠାରୁ ପଢ଼ି ଆଶ୍ଚର୍ଯ୍ୟ ହୋଇଗଲି।

***-ମନ୍ଦାକିନୀ ସ୍ୱାଇଁ, ଫୁଲବାଣୀ***

*ଏଥରର ଚିନ୍ମୟ ଚିନ୍ତନ 'ହନୁମାନ ମିଛ କହିନାହାନ୍ତି' ଏକ ହୃଦୟସ୍ପର୍ଶୀ ତଥା ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। ଜୀବନରେ ଠିକ୍ ରାସ୍ତାରେ ଯିବା ପାଇଁ ଏହା ଆମକୁ ଅନେକ କିଛି ଶିଖାଇଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପେଟ ନ ଥିବା ଝିଅ', 'ନିଜ ଶରୀରର ନିଜେ ବଇଦ ଏଇ ଚଢେଇ' ଏବଂ 'ପନିପରିବାରେ ଭବିଷ୍ୟତବାଣୀ' ଆଦି ପାଠଗୁଡ଼ିକ ଯେତିକି ତଥ୍ୟପୂର୍ଣ୍ଣ ଥିଲା ସେତିକି ଆଶ୍ଚର୍ଯ୍ୟକର ବି ଲାଗୁଥିଲା।

***-ସୋନାଲି ଦାଶ, ପାରାଦୀପ***

## ବିଶେଷ ଚିଠି



ଛୁଟିଦିନ ତୁମେ ଅନନ୍ୟ ଅସୀମ
ପ୍ରଚ୍ଛଦ ତୁମର କିଣିନିଏ ସଭିଙ୍କ ମନ।
ଭଲମନ୍ଦ ଶିଖାଏ ବାସ୍ତୁ ସ୍ତମ୍ଭ ତୁମର
ସପ୍ତାହ କେମିତି ବିତିବ ଜଣାଏ ରାଶିଫଳ
ଏ ସପ୍ତାହର।
ବ୍ୟକ୍ତିର ପରିଚୟ ଜଣାପଡେ ତୁମ ବ୍ୟକ୍ତିତ୍ୱ ପୃଷ୍ଠାରୁ
ଦୂରସ୍ଥାନ ସମ୍ପର୍କରେ ଜାଣିହୁଏ ତୁମ ସହରଠୁ ଦୂର।
ସତରେ ଛୁଟିଦିନ ତୁମେ ମହାନ୍
ତୁମକୁ କରୁଛି ମୁଁ ସତ ସତ ପ୍ରଣାମ।

***-ରାଜେଶ କୁମାର ସେଠୀ, ବଳଗଣ୍ଡି, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ମହାପ୍ରଭୁଙ୍କ ସେବାରେ ବାଳକ



ଶ୍ରୀମନ୍ଦିର ଉପାସନା ଧାରାରେ ଏକ ଅନନ୍ୟ ଆକର୍ଷଣ ବାଳକ ସେବା। ମୁଖ୍ୟତଃ ମୁଦିରଥ(ମୁଦିରସ୍ତ), ଦଇତା ଓ ଦତ୍ତ ମହାପାତ୍ର ପରିବାରର ବାଳକ, କିଶୋର ସାଜନ୍ତି ସେବକ। ଗଜପତିଙ୍କ ପ୍ରତିନିଧି ମୁଦିରଥ। ବାସ୍ତବରେ ଏହି ସେବା ଏକ ବ୍ୟତିକ୍ରମ। ଦଇତା କୁଳର ୨୧ ଦିନର ଶିଶୁ ସାଜେ କାଳିଆ ସାଆନ୍ତଙ୍କ ଭାଗାରି। ପୁଣି ଦତ୍ତ ମହାପାତ୍ର ପରିବାରର ଉପନୟନ ହୋଇଥିବା କିଶୋର କରେ ଠାକୁରଙ୍କ ସେବା କାର୍ଯ୍ୟ। ମହାପ୍ରଭୁଙ୍କ ସ୍ନାନ ଓ ପୂଜାବେଳେ ଚାରିପାଖରେ ସୁରକ୍ଷାବଳୟ ଗଢ଼ିଥିବା ଏଇ ବାଳକ ସେବକଙ୍କ ଦୃଶ୍ୟ ସତରେ ବିସ୍ମୟ।

**ମୁଦିରଥ:** ବଡୁଘର ସରିଲେ, ପୂଜା ନୀତି ଜାଣିବାର ହୋଇଗଲେ ମୁଦିରସ୍ତ ସେବକ କୁଳର ଉପନୟନ ହୋଇଥିବା କିଶୋରଙ୍କୁ ଶାଢ଼ି ବନ୍ଧାଯାଏ। ଏଇଠାରୁ ସେ ସାଜନ୍ତି ସେବକ। ଷୋଳବର୍ଷ ପର୍ଯ୍ୟନ୍ତ ଏହି ସେବା ସେ କରିପାରିବେ। ମୁଦିରଥଙ୍କ ସେବା ବିଷୟରେ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ସେବକ ଖଟଣି ନିଯୋଗ କର୍ମାଙ୍ଗୀ ଏକ ପ୍ରାମାଣିକ ଦସ୍ତାବିଜ। ଏହି କର୍ମାଙ୍ଗୀରେ ଜଣେ କିଶୋରଙ୍କୁ ମହାପ୍ରଭୁଙ୍କ ସେବାରେ ଦିଆଯାଇଛି ମର୍ଯ୍ୟାଦା । – ରାଜ ନିଯୋଗୁ ଏ ଭାଗାରି ହୁଅନ୍ତି। କୋଠଭଣ୍ଡାରୁ, ଘେରୁ, ଆଡୁଆ ଟୋପର(ଚୂଳିଆ ଟୋପି) ନେଇ ପାଳି କରିଦିଅନ୍ତି। ଖରାଦିନେ ଫୁଲଟୋପର, ଶୀତଦିନେ ରେଶମ ଟୋପର ପ୍ରଭୁଙ୍କୁ ଲାଗି ହୁଏ। ଯେଉଁଦିନ ଜନ୍ମନକ୍ଷତ୍ର ପଡ଼େ ସେହିଦିନ ମଧ୍ୟାହ୍ନ ଧୂପ ପରେ ନକ୍ଷତ୍ର ବନ୍ଦାପନା ନୀତି ହୁଏ। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବାଡ଼ରେ ମୁଦିରଥ ବନ୍ଦାପନା କରନ୍ତି। ମାଢ଼ିଆନ ନେଇ ରାଣୀ–ହଂସପୁର ପାଇଁ କଞ୍ଚୁକୀ କରଣକୁ ଦିଅନ୍ତି ଏବଂ ଆଳତି ବାଢ଼ିଲେ ରାଜନୀତିମାନ କରନ୍ତି। ମହାଶ୍ରମ(ଗଜପତିଙ୍କ ପାଇଁ ଏକ ସମ୍ମାନସୂଚକ ସମ୍ବୋଧନ) ବିଜେ ହେଲେ ଫୁଲପ୍ରସାଦ ଆଣି ତାଙ୍କୁ ଦେବା କାର୍ଯ୍ୟ କରନ୍ତି। ଗଜପତିଙ୍କ ଅନୁପସ୍ଥିତିରେ ସ୍ନାନବେଦିରେ,ରଥରେ ଛେରାପହଁରା କରନ୍ତି। ଛାଉଣି ଗାଦି(ମଠ)ରେ ବୈଠକ କରନ୍ତି। ଏହି ସେବକ ରାଜମୁଦ୍ରାର ରକ୍ଷକ, ତେଣୁ ଆଦେଶ ଲିପିରେ ରାଜମୁଦ୍ରା ଅଙ୍କନ କରିପାରନ୍ତି। ସ୍ୱତ୍ୱଲିପି ଅନୁଯାୟୀ ସିଂହାସନ ତଳେ ଠିଆହୋଇ ତିନିବାଡର ନୀତି କରନ୍ତି। ସର୍ବାଙ୍ଗ, ବନ୍ଦାପନା ଓ ମଙ୍ଗଳାର୍ପଣରେ କେବଳ ବଡ଼ବାଡରେ ନୀତି କାର୍ଯ୍ୟ ସମ୍ପାଦିତ କରନ୍ତି ଏହି ସେବକ। ସ୍ନାନପୂର୍ଣ୍ଣମୀରେ ସୁନା ଗୋସେଇଁଙ୍କ ସହ ପ୍ରଥମ ଜଳଛେକ ଆଣନ୍ତି। ବାହୁଡା ଓ ସ୍ନାନବିଜେରେ ତିନିବାଡରେ ଡୋରଲାଗି ଓ ଅଞ୍ଜଳି କରନ୍ତି। ପୁଷ୍ୟାଭିଷେକରେ ଦଣ୍ଡଛତ୍ର ସଂସ୍କାର କରି ଭିତରଛୁକୁ ଦିଅନ୍ତି। ପ୍ରସାଦ ଲାଗି ଦିନ ଭୋଗ ଆସିବା ପରେ ଖଦିପେଟା ସଂସ୍କାର କରି ମହାପ୍ରଭୁଙ୍କ ଆଡେ ଲାଗି କରନ୍ତି। ପୁଷ୍ୟାଭିଷେକରେ ଅଣସର ପିଣ୍ଡିଠାରେ ଲାଗି ହୋଇଥିବା ତଡ଼ପ ନିଜ ଭିତରେ ଶାଢ଼ି ବାନ୍ଧନ୍ତି ଓ ଲାଗି ଉତାରି ଧାରଣ କରନ୍ତି। ଏଥିପୂର୍ବରୁ ନଅରରେ ରାଜାଙ୍କଠାରୁ ଶାଢ଼ି ବନ୍ଧାଇ ଆସନ୍ତି। ଗହଣ ବିଜେ କାଳେ (ପାଟରାଣୀଙ୍କ ଶ୍ରୀମନ୍ଦିର ବିଜେ କରିବା ସମୟରେ) ମନ୍ଦିର ଶୋଧ ହୁଏ। ଏହି ସେବକ ଏକା ରହି ପାଟରାଣୀଙ୍କୁ ଦର୍ଶନ କରାନ୍ତି। ତେବେ ଏହିଭଳି ଭାବେ ବିଭିନ୍ନ ନୀତିରେ ସଂଶ୍ଳିଷ୍ଟ ହୋଇ ଗଜପତିଙ୍କ ପ୍ରତିନିଧି ଭାବରେ ମୁଦିରଥ ସେବକ ନାବାଳକ ଅବସ୍ଥାରେ ସମର୍ପିତ ହୋଇ ଯେଉଁ ସେବା କରନ୍ତି ତାହା ଏକ ବିରଳ ଉଦାହରଣ।

ମହାପ୍ରଭୁ ଶ୍ରୀଜଗନ୍ନାଥ। ଦାରୁଦିଅଁ ଭାବେ ଜଗତେ ଖ୍ୟାତ। ସେ ଯେପରି ଅନନ୍ୟ, ତାଙ୍କ ନୀତିକାନ୍ତି ବି ସେପରି ସ୍ୱତନ୍ତ୍ର। ତାଙ୍କ ସେବାରେ କେବଳ ବୟସ୍କ କି ଯୁବକ ନୁହନ୍ତି ବାଳକ ବି ହୁଅନ୍ତି ସାମିଲ। ତେଣୁ ସେ ସମସ୍ତଙ୍କର, ସାରା ଜଗତର କାଳିଆ ଠାକୁର...

ମୁଦିରଥ ସେବା ଶାସ୍ତ୍ର ସ୍ୱୀକୃତ। ନୀଳାଦ୍ରି ମହୋଦୟ ଏବଂ ବାମଦେବ ସଂହିତା ଗ୍ରନ୍ଥରେ ଯାଙ୍କୁ କୁହାଯାଇଛି ଅଗ୍ନିଶର୍ମା। ଗଜପତି କପିଳେନ୍ଦ୍ର ଦେବଙ୍କ ଜୟବିଜୟ ଦ୍ୱାର ଶିଳାଲେଖରେ ଅଗ୍ନିଶର୍ମା ଶବ୍ଦ ଅଛି। ମୁଦ୍ରହସ୍ତ ଶବ୍ଦ ବି ଅଛି। ପୁରୀବୋଲି ଗ୍ରନ୍ଥରେ ଡ. ସିଦ୍ଧେଶ୍ୱର ମହାପାତ୍ର ତଡ଼ାଉ କରଣ ସ୍ୱର୍ଗତ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରଦତ୍ତ ତଥ୍ୟ ଦେଇଛନ୍ତି। ତାଙ୍କ ମତରେ ବିଷ୍ଣୁଶର୍ମା ଓ ଅଗ୍ନିଶର୍ମା ଦୁଇଜଣ ମୁଦିରଥ ଥିଲେ। ସେମାନଙ୍କର ଦୁଇଟି ମଠ ଥିଲା। ଅଲଗା ଅଲଗା ନୀତି କରୁଥିଲେ। ବର୍ତ୍ତମାନ ସେ ପ୍ରାଚୀନ ନାମ ନାହିଁ। ଶାସ୍ତ୍ରରେ ସାତବର୍ଷରୁ ୧୨ ବର୍ଷ ମଧ୍ୟରେ ସେବା କରିବା ପାଇଁ ନିର୍ଦ୍ଦିଷ୍ଟ ଥିଲା। କର୍ମାଙ୍ଗୀ ବେଳକୁ ତାହା ଷୋହଳ ବର୍ଷରେ ପହଞ୍ଚିଥିଲା। ବାସ୍ତବରେ ମୁଦିରଥ ହେଉଛନ୍ତି ରାଜପ୍ରତିନିଧି ସେବକ। ବର୍ତ୍ତମାନ ଗଜପତି ୧୯୭୦ ମସିହା ଶ୍ରୀଗୁଣ୍ଡିଚା ଦିନ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ତେଣୁ ଶାଢ଼ି ବାନ୍ଧି ସେବା କରିବାର ଅବକାଶ ନ ଥିଲା। ସେ ବର୍ଷ ମୁଦିରଥ ରଥଯାତ୍ରାରେ ଛେରାପହଁରା କରିଥିଲେ। ୧୯୭୬ ମସିହାରେ ଏଲଏଲଏମ୍ ଅଧ୍ୟୟନ ପାଇଁ ଗଜପତି ଆମେରିକାରେ ଥିବାରୁ ମୁଦିରଥ ଛେରାପହଁରା କରିଥିଲେ। ଆଉଥରେ ଗଜପତିଙ୍କ କନ୍ୟା (୧୯୭୭/୭୮) ଭୂମିଷ୍ଠ ହେବାରୁ ବାହୁଡ଼ାଯାତ୍ରାରେ ଗଜପତି ଛେରାପହଁରା କରି ନ ଥିଲେ। ସେତେବେଳେ ମୁଦିରଥ ପଦ୍ମନାଭ ଏହି ସେବାକାର୍ଯ୍ୟ କରିଥିଲେ। କରୋନା ମହାମାରୀ ପାଇଁ ଗତ ବର୍ଷ ଗଜପତି ମହାରାଜା ସ୍ନାନବେଦିରେ ଛେରା ପହଁରା କରି ନ ଥିଲେ। ଏହି କାର୍ଯ୍ୟ ସମ୍ପାଦିତ କରିଥିଲେ ଆଦିତ୍ୟ ନାରାୟଣ ମୁଦିରସ୍ତ। ସେହିଭଳି ଚଳିତ ବର୍ଷ ବି ବିନା ଭକ୍ତରେ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏଥର ମଧ୍ୟ ମହାପ୍ରଭୁଙ୍କ ସ୍ନାନ ଉତ୍ସବରେ ଗଜପତି ମହାରାଜାଙ୍କ ପ୍ରତିନିଧି ନାରାୟଣ ମୁଦିରସ୍ତ ସ୍ନାନମଣ୍ଡପରେ ଛେରାପହଁରା କରିଥିଲେ।







**ଦଉ ମହାପାତ୍ର:** ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଉପାସନାରେ ଦୁଇପ୍ରକାର ଚିତ୍ରକର ନିଯୁକ୍ତ ରହିଛନ୍ତି। ଦାରୁଦିଅଁ ସେବାପୂଜାରେ ପୁରାତନ ସେବକଭାବେ 'ଦଉମହାପାତ୍ର'ଙ୍କୁ ଗ୍ରହଣ କରାଯାଇଥାଏ। ଏମାନେ ହିଁ ସ୍ଥପତି ଚିତ୍ରକାର ପର୍ଯ୍ୟାୟଭୁକ୍ତ। ଏମାନଙ୍କୁ ମଧ୍ୟ ସୃଜନଶୀଳ ସ୍ଥପତି କୁହାଯାଇପାରେ। ଏହି 'ଦଉମହାପାତ୍ର' ସେବକ ଦଇତା ସେବକଙ୍କ ସମସାମୟିକ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା ନିମନ୍ତେ ଏମାନେ ଶାଢ଼ି ବନ୍ଧାନ୍ତି ନାହିଁ। ପାଳି ଖଟିବା ବା ସେବା କରିବାର ସମୟ ଆସିଲେ ରାଜଦରବାରରେ ଗଜପତିଙ୍କୁ ଦରଖାସ୍ତ ଦେଇ ସେବା ଖଟୁଥିଲେ। ଯେପରି ଦଇତା ସେବକଙ୍କର ପୁତ୍ରସନ୍ତାନ ଜାତ ହେଲାମାତ୍ରେ ସେବା ଅଧିକାର ଆସିଥାଏ, ଠିକ୍ ସେହିପରି ଦଉମହାପାତ୍ରଙ୍କ ଘରେ ପୁତ୍ରକୁ ବର୍ଷେ ହେଲେ ଅଣସର ଦିଅଁଙ୍କୁ ଛୁଆଁଇ ଦିଆଯାଏ। ଦିଅଁଙ୍କୁ ଛୁଆଁଇ ଦେବା ପରେ ତା'ର ସେବାର ଅଧିକାର ଆସିଥାଏ। ନଅବର୍ଷର ସଂସ୍କାର ଆସିବା ପରେ ସେ ସିଧା ମହାପ୍ରଭୁଙ୍କ ବନକଲାଗି ସେବାରେ ସହଯୋଗ କରିଥାଏ। ଶ୍ରୀପୁରୁଷୋତ୍ତମ କର୍ମାଙ୍ଗୀରେ ଉଲ୍ଲେଖ ଅଛି– "ଏ ନିଯୋଗ ରଥଚାପ ଆଦି ସକଳ ବାହାର ବନକ କରିବେ। ବିଜେ ପ୍ରତିମାଙ୍କ ବନକ ଘୋରି ନିତ୍ୟାନି ରଖିବେ। ପାରୁଶ ଦେବତାଙ୍କୁ ବରଷପ୍ରତି ଯେ ଯେ ଦିନ ଯୋଗାଇ ସମୁଛା ବନକ କରିବେ। କନ୍ଦପପଟୀ ଦେବେ। ଦଶବତାର ପଟି ଦେବେ। ରେଖ ଆଦି ଦେବେ। ରେଖା ପଞ୍ଚମୀକୁ ପଶ୍ଚିମଦ୍ୱାର ଗବାକ୍ଷ ରୋଷ କୋଠି ଆବରଯାକ ଚିତ୍ର କରିବେ। କୋଠବେଶ ଚିତ୍ରମାନ କରିବେ। ପରମେଶ୍ୱର ମହାଶ୍ରମଙ୍କ ଅଙ୍ଗିଲା ଯେତେ ଚିତ୍ର ଆଦିର ଆବଶ୍ୟକ ଥିବ ସେ ସକଳ ବନକ କରିବେ। କଉଡ଼ି ନେବେ।''

ମହାପ୍ରଭୁଙ୍କ ନବକଳେବରରେ ବ୍ରହ୍ମପରିବର୍ତ୍ତନ ପରେ ଦଇତାଙ୍କ ପରି ଦଉମହାପାତ୍ରମାନେ ଶୁଦ୍ଧିକ୍ରିୟାରେ ଭାଗ ନେଇଥାନ୍ତି। ମୁଣ୍ଡନ ନ ହୋଇ କେବଳ ଖିଅରବାଆର ହୋଇଥାନ୍ତି। ଦଇତାମାନଙ୍କ ପରି ଦଉମହାପାତ୍ରମାନେ ଶୁଦ୍ଧିକ୍ରିୟା ପାଳିଥାନ୍ତି। ଏହା ସମ୍ପୂର୍ଣ୍ଣ ଲୋକାଚାର ମତରେ ପାଳିତ ହୋଇଥାଏ। ମହାଅଣସରରେ ଦାରୁବ୍ରହ୍ମଙ୍କର ଶେଷ ପର୍ଯ୍ୟାୟରେ ମହାପ୍ରଭୁଙ୍କର ରୂପକଳ୍ପନାର ସାକାର ରୂପ ଦେଇଥାନ୍ତି ଦଉମହାପାତ୍ରମାନେ। ପାରମ୍ପରିକ ବିଧିରେ 'ବନକଲାଗି' ମାଧ୍ୟମରେ ଏମାନେ ଠାକୁରମାନଙ୍କ ମୁଖାବୟବକୁ ଚିତ୍ରଣ କରିଥାନ୍ତି। ନେତ୍ରଉତ୍ସବ ଦିନ ଦଉମହାପାତ୍ର ଠାକୁରଙ୍କ ନୀତି ନିମନ୍ତେ ବଟାଯାଇଥିବା କଳା ଯୋଗାଇଥାନ୍ତି।

**ବର୍ଷକୁ ୪ଥର ଅଧରପୋଛା–** ଶ୍ରୀଜୀଉଙ୍କ ଅଧର ପୋଛା ଆଉ ବନକ ଲାଗି(ଗୁପ୍ତ) ସେବା କରିଥାନ୍ତି ଦଉ ମହାପାତ୍ର ସେବକ। କିଶୋର ବୟସରୁ ଏହି ସେବା କାର୍ଯ୍ୟ ଆରମ୍ଭ ହୋଇଥାଏ। ଏହି ସେବକ କୁଳର ପିଲା ୧ ବର୍ଷର ହେଲେ ଅଣସର ସମୟରେ ତାଟି ଭିତରକୁ ଯାଇ ଠାକୁରଙ୍କୁ ମୁଣ୍ଡିଆ ମାରି ସେବାରେ ସାମିଲ ହୁଅନ୍ତି। ୪/୫ ବର୍ଷର ହୋଇଗଲେ ଅଣସର ତାଟି ଭିତରେ ସେବା କାମ ଶିଖନ୍ତି। ଉପନୟନ ପରେ(୧୧ରୁ ୧୩/୧୪ବର୍ଷରେ)ସେମାନେ ସେବକ ଭାବେ ସିଂହାସନ ଉପରକୁ ଚଢ଼ି ସେବା କାର୍ଯ୍ୟ କରିଥାନ୍ତି। କର୍ମାଙ୍ଗୀର ବିବରଣୀ ଅନୁଯାୟୀ ରବିବାର ଅବକାଶ ପୂର୍ବରୁ ଅଧରପୋଛା ଏବଂ ଗୁରୁବାର ଏକାନ୍ତ ନୀତି ସକାଶେ ବୁଧବାର ଦ୍ୱିପ୍ରହର ସମୟରେ ହୋଇଥାଏ ବନକ ଲାଗି। ବର୍ତ୍ତମାନ ବର୍ଷକୁ ୪ଥର ଅଧରପୋଛା କାର୍ଯ୍ୟ ସମ୍ପନ୍ନ ହେଉଛି। 'ଆମ ବଂଶରେ ଜନସଂଖ୍ୟା କମିଯିବାରୁ ଏବେ ଠାକୁର ଗୁଣ୍ଡିଚାଘରକୁ ଗଲେ, ନୀଳାଦ୍ରି ବିଜେ ପରଦିନ, ଦୋଳପୂର୍ଣ୍ଣିମା ଏବଂ ସ୍ନାନବେଦିରେ ଅଧରପୋଛା କାର୍ଯ୍ୟ ହେଉଥିବା କୁହନ୍ତି ସେବକ ଅଜୟ ଦଉମହାପାତ୍ର।

**ଦଇତା ସେବକ**

ମହାପ୍ରଭୁଙ୍କ ଭାଗାରି ଭାବେ ପରିଚିତ ଦଇତା ସେବକ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ଏହି ସେବକ ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀରେ

→

## ସ୍ନାନ ମଣ୍ଡପରେ ଛେରା ପହଁରା ମୋ ପାଇଁ ଭାଗ୍ୟର କଥା– ନାରାୟଣ



**ମୋ** ମୁଣ୍ଡରେ ଶାଢି ବନ୍ଧା ହୋଇଥିଲା। ସ୍ନାନ ମଣ୍ଡପରେ ଛେରା ପହଁରା କରୁଥିଲି। ରାଜାଙ୍କ ଭଳି ମୋତେ ସମ୍ମାନ ମିଳୁଥିଲା। କାଳିଆ ଠାକୁରଙ୍କୁ ସମର୍ପଣ କରି ଏ ସେବା କରୁଥିବାବେଳେ ଅଲଗା ଅନୁଭବ ହେଉଥିଲା। ପ୍ରକୃତରେ ଏଭଳି ସୁଯୋଗ ମିଳିବା ବଡ଼ ଭାଗ୍ୟର କଥା। ଗତବର୍ଷ ବଡ଼ଭାଇ(ବଡ଼ବାପାଙ୍କ ପୁଅ) ଆଦିତ୍ୟ ନାରାୟଣ ସ୍ନାନ ମଣ୍ଡପରେ ଛେରାପହଁରା କରିଥିଲେ। ଜେଜେ ପଦ୍ମନାଭଙ୍କୁ ବି ଥରେ ବାହୁଡା ଯାତ୍ରାରେ ଏଭଳି ସେବାର ସୁଯୋଗ ମିଳିଥିଲା।

## ଭାଗାରି ହୁଏ ୨୧ ଦିନର ଶିଶୁ



ବିନାୟକ ଦାସ ମହାପାତ୍ର

**ମ**ହାପ୍ରଭୁଙ୍କ ଅଣସର ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା କରିଥାନ୍ତି ଦଇତା ସେବକ। ଏହି ସେବକକୁଳରେ ଜନ୍ମିତ ୨୧ ଦିନ ଏବଂ ତଦୂର୍ଦ୍ଧ୍ୱ ପିଲାଙ୍କୁ ଅଣସର ସମୟର ଷଷ୍ଠୀରୁ ଦଶମୀ ମଧ୍ୟରେ ମହାପ୍ରଭୁଙ୍କ ଶରଣାପନ୍ନ କରାଯାଇ ରୁପାଟଙ୍କା ଭେଟି ଦିଆଯାଏ। ପ୍ରସାଦ ପାଟିରେ ଛୁଆଁଯିବା ପରେ ସେବାଯୋଗ୍ୟ ହେବା ସହ ଭାଗାରି ଭାବରେ ପରିଗଣିତ ହୁଅନ୍ତି। ସମ୍ପୃକ୍ତ ବାଳକ ହେତୁ ପାଇବା ପରେ ୪/୫ ବର୍ଷରେ ହୋଇଗଲେ ଗୁରୁଜନଙ୍କ ସହ ଅଣସର ପଟିକୁ ଯାଆନ୍ତି। କାମ ଦେଖି ଶିଖନ୍ତି। ସର୍ବାଙ୍ଗ ଏକାଦଶୀ ଦିନ ମହାପ୍ରଭୁଙ୍କୁ ପ୍ରଣାମ କରି କାର୍ଯ୍ୟ କରନ୍ତି ବୋଲି କୁହନ୍ତି ବରିଷ୍ଠ ଦଇତା ସେବକ ବିନାୟକ ଦାସ ମହାପାତ୍ର।



ବାହୁଟ କରିବା, ଚତୁର୍ଦ୍ଦଶୀରେ ପାଗପଟି କାଟିବା,ସେନାପଟା ଲାଗି, ମଇଲମ କରିବା ସହ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନରୁ ସ୍ନାନବେଦିକୁ ପହଣ୍ଡି କରନ୍ତି। ସ୍ନାନ ପୂର୍ଣ୍ଣମୀ ଦିନ ପୁଷ୍ପାଳକ ସହ ମିଶି ସ୍ନାନବେଦିରେ ଦିଅଁଙ୍କୁ ହାତୀବେଶ କରାନ୍ତି, ପୁଣି ସେଠାରୁ ପହଣ୍ଡି କରି ଠାକୁରମାନଙ୍କୁ ଅଣସର ମଣ୍ଡପକୁ ଆଣନ୍ତି। ସେଠାରେ ରାହୁରେଖା ଚିତା, ମଇଲମ କରିବା ସହ ଅଣସର ଘରେ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ସକଳ ଏମାନେ ସମ୍ପାଦିତ କରିଥାନ୍ତି। ନେତ୍ରୋତ୍ସବ ଦିନ ସର୍ବାଙ୍ଗ, ବନ୍ଦାପନା, ରାତିରେ ବାହୁଟ କଣ୍ଠ/ ସେନାପଟା ଲାଗି କରନ୍ତି। ଏଥିସହ ଶ୍ରୀଗୁଣ୍ଡିଚା ଦିନ ଠାକୁରଙ୍କୁ ରଥକୁ ପହଣ୍ଡି ବିଜେ କରାଇବା, ରଥରେ ରୁନ୍ଧା,ବେଶ,ଅଳଙ୍କାର ଲାଗି , ଚିତାଲାଗି ଓ ରଥଶୋଧ ନୀତି କରିଥାନ୍ତି ଏହି ସେବକ। ପୁଣି ଗୁଣ୍ଡିଚା ଘରକୁ ପହଣ୍ଡି/ତା'ପରେ ସିଂହାସନରେ ରୁନ୍ଧା କରନ୍ତି। ସର୍ବାଙ୍ଗ ବନ୍ଦାପନା କରନ୍ତି। ବାହୁଡ଼ାରେ ଗୁଣ୍ଡିଚା ଭଳି ସେବା କାର୍ଯ୍ୟ ସମ୍ପାଦିତ କରନ୍ତି। ଲକ୍ଷ୍ମୀନାରାୟଣ ଭେଟ ସମୟରେ ମହାପ୍ରଭୁଙ୍କ ବାଡ଼ର ବାଡ଼ଗ୍ରାହୀ ଦଇତାମାଳ, ଚୂଳ, ମୈଲମ କରି ରାଜାଙ୍କୁ ପ୍ରସାଦ ଦିଅନ୍ତି। ଏକାଦଶୀ ଦିନ ପଶୁପାଳକ ସହ ସୁନାବେଶ କରାନ୍ତି। ନୀଳାଦ୍ରିବିଜେ ସମୟରେ ବଚନିକା କରନ୍ତି। ରୁକ୍ମିଣୀଙ୍କ ସହ ଜଗନ୍ନାଥଙ୍କ ଗଇଣ୍ଠାଳ ବନ୍ଧା ନୀତି କରନ୍ତି।ଚକ୍ରବୁଲା ଏକାଦଶୀ ଦିନ ସୁବର୍ଣ୍ଣ ଚକ୍ରଙ୍କୁ ଶ୍ରୀଅଙ୍ଗ ଲାଗି କରାନ୍ତି। ନଗର ଭ୍ରମଣ କରାନ୍ତି। ଚିତାଲାଗିରେ ଚିତାଲାଗି କରାନ୍ତି। ଗହ୍ମାପୁନିଅଁରେ ସୁଦର୍ଶନ ବିଜେ ନୀତି ବଢ଼ାନ୍ତି। ମାର୍କଣ୍ଡକୂଳରେ ବଳଭଦ୍ର ମୂର୍ତ୍ତି ନିର୍ମାଣ କରାନ୍ତି। ରେଖା ପଞ୍ଚମୀ ଦିନ ୩ ବାଡ଼ରେ ରାହୁରେଖା ଲାଗି କରନ୍ତି। ରାଧାଷ୍ଟମୀ ଓ କୁମାର ପୂର୍ଣ୍ଣମୀରେ ସୁଦର୍ଶନ ବିଜେ କରାନ୍ତି। ଖସାପଡ଼ା ଓ ପଇତା ଲାଗି କରନ୍ତି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ- ଦଇତାଙ୍କ ଘରେ ପ୍ରତ୍ୟେକ ପୁରୁଷ(ପିଲା ସମେତ) ଦଇତା ଭାଗାରି ଭାବେ ଗଣା ହୁଅନ୍ତି। ଏମାନେ ଶାଢିବନ୍ଧା ସେବକ ନୁହନ୍ତି(ଶାଢି ମାନେ ମହାପ୍ରଭୁଙ୍କ ପିନ୍ଧା ପାଟ ମୁଣ୍ଡରେ ବନ୍ଧାଯାଏ। ଅର୍ଥାତ୍ ଅନୁମତି ଦିଆଯାଏ)। ଏମାନଙ୍କ ସେବା ବଂଶାନୁକ୍ରମିକ। ଏମାନଙ୍କର ସାଙ୍ଗିଆ 'ଦାସ ମହାପାତ୍ର 'ଓ 'ସ୍ୱାଇଁ ମହାପାତ୍ର' ମୁଖ୍ୟ ଭାବରେ ଦେଖିବାକୁ ମିଳେ। -ଏମାନେ ଅଣସରର ୧୫ଦିନ ହବିଷ ଅନ୍ନ ଖାଇବେ। କାହା ଘରକୁ ଯିବେ ନାହିଁ କି କାହା ଘରେ ଖାଇବେ ନାହିଁ। ତାଙ୍କ ଘରକୁ କେହି ଆସିବେ ନାହିଁ। ଏପରିକି ଝିଅ-ଜ୍ୱାଇଁବି । ଏ ସମୟରେ ଏମାନେ ଛୁତିକା କି ମୂର୍ତ୍ତିକା ପାଳନ କରି ନ ଥାନ୍ତି ।

**ଦଇତାଙ୍କୁ ଦିଆଯାଏ ପ୍ରଭୁଙ୍କ ଆଜ୍ଞାମାଳ:**

ଶ୍ରୀଜଗନ୍ନାଥଙ୍କ ଉପାସନା ବିଧିରେ ବର୍ଷସାରା ୧୩୯ଥର ଆଜ୍ଞାମାଳ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି। ଗବେଷଣାରୁ ଜଣାପଡ଼ିଛି, ଏଥିମଧ୍ୟରୁ ୨୭ଥର ଦେବଦେବୀଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ଆଠଥର ଜଡ଼, ଚେତନ ଓ ବୃକ୍ଷ ଆଦିଙ୍କୁ ଦିଆଯାଇଥାଏ। ଚେତନ ଆଜ୍ଞାମାଳ ବିଧିରେ ଦାରୁ ଅନୁସନ୍ଧାନ ପାଇଁ ବିଶେଷ ଆଜ୍ଞାମାଳ ୧୯ ବର୍ଷ ବା ୧୨ ବର୍ଷ ଅନ୍ତରରେ ପଡୁଥିବା ନବକଳେବର ଲୀଳାରେ ପ୍ରଦାନ କରାଯାଏ। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ପାଣି ପଡ଼େ। ଶ୍ରୀସୁଦର୍ଶନଙ୍କ ବାଡ଼ର ବାଡ଼ଗ୍ରାହୀ ପତିମହାପାତ୍ର ସେବକ ରତ୍ନସିଂହାସନ ଉପରକୁ ଉଠନ୍ତି। ଗରାବଡୁ ସେବକଙ୍କଠାରୁ ହାତୁଆଣି (ପାଣି) ନେବା ପରେ ପୂର୍ବରୁ ଲାଗି ହୋଇଥିବା ଚାରି ବାଡ଼ର ଅଧର ଚୁମ୍ବିତ ଆଜ୍ଞାମାଳ ମଧ୍ୟରୁ ପ୍ରଥମେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ବିଗ୍ରହରୁ ଆଣି ବଡ଼ବାଡ଼ର ବାଡ଼ଗ୍ରାହୀଙ୍କୁ ପ୍ରଦାନ କରିଥାଆନ୍ତି। ଶ୍ରୀବଳଭଦ୍ରଙ୍କ ସହିତ ସମ୍ପୃକ୍ତ ଦଇତା ସେବକଙ୍କୁ 'ବଡ଼ବାଡ଼-ସେବକ' କୁହାଯାଇଥାଏ। ସେହିପରି ମା' ସୁଭଦ୍ରାଙ୍କ ଦଇତା ସେବକଙ୍କୁ ମଝିବାଡ଼ ଓ ଶ୍ରୀଜଗନ୍ନାଥଙ୍କ ଦଇତାଙ୍କୁ 'ମହାପ୍ରଭୁଙ୍କ-ବାଡ଼ ସେବକ'ବୋଲି କୁହାଯାଇଥାଏ।

ବଡ଼ବାଡ଼ର ବାଡ଼ଗ୍ରାହୀଙ୍କୁ ଆଜ୍ଞାମାଳ ପତିମହାପାତ୍ର ପ୍ରଦାନ କରିବା ପରେ ଗରାବଡୁଙ୍କଠାରୁ ହାତୁଆଣି ନେଇ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଓଲାଗି କରି ମହାପ୍ରଭୁଙ୍କ ବାଡ଼ଗ୍ରାହୀଙ୍କୁ ପ୍ରଦାନ କରିଥାଆନ୍ତି। ତା'ପରେ ପୁଣି ହାତୁଆଣି ନେଇ ମା' ସୁଭଦ୍ରାଙ୍କ ଅଧରମାଳ ମଝିବାଡ଼ର ବାଡ଼ଗ୍ରାହୀ ଦଇତା ସେବକଙ୍କୁ ଦେଇଥାଆନ୍ତି।

ଶେଷରେ ପତିମହାପାତ୍ର ନିଜେ ଶ୍ରୀସୁଦର୍ଶନଙ୍କଠାରୁ ଆଜ୍ଞାମାଳ ନେଇ ସିଂହାସନ ତଳକୁ ଓହ୍ଲାଇ ଆସନ୍ତି।

ଆଜ୍ଞାମାଳ ପାଇଥିବା ଦଇତା ଓ ଭାଗାରିମାନେ ମହାପ୍ରଭୁଙ୍କ ସିଂହାସନ ନିକଟରୁ ଆସି କଳାହାଟ ଦ୍ୱାର ଅଣସର ପିଣ୍ଡିଠାରେ ସମବେତ ହୁଅନ୍ତି। ସେହିଠାରେ ଭିତରଛୁ ମହାପାତ୍ର ଗୋଟାବାରଲାଗି ଗୀତଗୋବିନ୍ଦ ଶାଢ଼ି ଶ୍ରୀସୁଦର୍ଶନଙ୍କ ଆଜ୍ଞାମାଳ ଧାରଣ କରିଥିବା ପତିମହାପାତ୍ରଙ୍କ ମୁଣ୍ଡରେ ବାନ୍ଧନ୍ତି। ତା'ପରେ ତିନି ବାଡ଼ର ବାଡ଼ଗ୍ରାହୀଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ଥାଆନ୍ତି। ବନଯାଗ ଯାତ୍ରା ଆରମ୍ଭ ବିଧିରେ ଏହିଠାରେ ପ୍ରଥମେ ମଙ୍ଗଳ ଗୀତ ଗାନ କରାଯାଇଥାଏ। ତା'ପରେ ଅନ୍ୟ ଦଇତା ସେବକଙ୍କ ମୁଣ୍ଡରେ ଶାଢ଼ି ବନ୍ଧା ଯାଇଥାଏ। ସେଠାରୁ ଦଇତା ଓ ପତି ସେବକମାନେ ଜୟ-ବିଜୟ ଦ୍ୱାର ନିକଟକୁ ଆସିଲେ ଭିତରଛୁ ଦେଉଳକରଣଙ୍କ ମୁଣ୍ଡରେ ଗୋଟା ବାରଲାଗି ଖଣ୍ଡୁଆ ପାଟ ମୁଣ୍ଡରେ ବାନ୍ଧି ଥାଆନ୍ତି।

ଏହିଭଳି ମୁଦିରସ୍ତ, ଦତ୍ତ ମହାପାତ୍ର ଓ ଦଇତା ସେବକ କୁଳର କିଶୋର , ବାଳକ ମହାପ୍ରଭୁଙ୍କ ସେବାରେ ସାମିଲ ହେବାର ଅପୂର୍ବ ସୁଯୋଗ ଲାଭ କରିଥାନ୍ତି ଏବଂ ଏହା ଶ୍ରୀମନ୍ଦିର ପରମ୍ପରାର ଅନ୍ୟତମ ଆକର୍ଷଣ।

**-ବୀରଭଦ୍ର ବିଶ୍ୱାଳ, ଫଟୋ: ଯଜ୍ଞେଶ୍ୱର ମହାନ୍ତି**



ବାପାଙ୍କ ସହ ଏବର୍ଷର କୁନି ଦଇତା ଶ୍ରୀଅଙ୍ଗ ଦାସମହାପାତ୍ର



## ସଭିଏଁ ପରିଭାଷାରେ ବାଳଗୋପାଳ, କିଶୋର ବି ଜଡ଼ିତ



**ଜା**ତି ବର୍ଣ୍ଣ ନିର୍ବିଶେଷରେ ସଭିଏଁ ମହାପୁରୁଷୀ ସେବାରେ ଭାଗୀଦାର ହୋଇପାରିବେ, ସେଥିନେଇ ସେ ଦାରୁଦିଅଁ ବିଗ୍ରହ ଧାରଣ କରିଥିଲେ। ପୁଣି ନିମ୍ବଦାରୁ। ଶାସ୍ତ୍ରର କଥା ଇୟେ। ରହସ୍ୟମୟ ପରମସତ୍ତାଙ୍କର ପରମକରୁଣାରେ ସମସ୍ତେ ଉପକୃତ ହେବେ ଏହା ତାଙ୍କର ଇଚ୍ଛା। ସମସ୍ତେ ହେବେ ଯେ! ବାଳଗୋପାଳ ତଥା କିଶୋରମାନେ କିପରି ସାମିଲ ହେବେ!! ଲୀଳାମୟ ସେ, ଯୁଗକୁ ଯୁଗ ଲୀଳା କରି ଆସିଛନ୍ତି। ବାଳଗୋପାଳ, କିଶୋରମାନେ କହ୍ନେଇ ରୂପ ଧାରଣ କଲାବେଳେ ଅଙ୍ଗସଙ୍ଗ ଥିଲେ। ଦାରୁଦିଅଁ ଭାବେ ଆବିର୍ଭାବ ହେବା ପରେ ସେମାନେ କେମିତି ଦୂରରେ ରହିଯିବେ! ସେମାନେ ପରା ସ୍ୱଜନ!! ସେଇ ଲୀଳାରେ ସେବା ଜଡ଼ିତ ହୋଇଛନ୍ତି ବାଳଗୋପାଳ ଓ କିଶୋର ତଥା ଯୁବକମାନେ।

– ***ଡ. ସୁରେନ୍ଦ୍ର କୁମାର ମିଶ୍ର,*** *ସଂସ୍କୃତି ବିଶାରଦ*

## 'ତାଙ୍କକାର୍ଯ୍ୟ କରୁଥିବା ବେଳେ ଆଉ କିଛି କଥା ମୁଣ୍ଡରେ ଲୁକେନି'

'**ମୋ**ତେ ୫/୬ ବର୍ଷ ହୋଇଥାଏ। ଅଣସର ସମୟରେ ବାବାଙ୍କ ସହିତ ମନ୍ଦିରକୁ ଯାଇଥିଲି। ଦିଅଁଙ୍କୁ ମୁଣ୍ଡିଆ ମାରିବାକୁ ବାବା କହିଥିଲେ। ମୁଣ୍ଡିଆ ମାରି ସେଇଠି ବସିଲି। ଆଉ ସେତେବେଳ କଥା ସ୍ମରଣରେ ନାହିଁ। ୧୧ ବର୍ଷ ବେଳକୁ ଅଣସରବେଳେ ମନ୍ଦିରକୁ ଯାଇ ସେବା କାମ ଶିଖିଲି। ବାବା ଦେବୀ ସୁଭଦ୍ରାଙ୍କ ସିଂହାସନକୁ ଯାଇ ରେଖା ଆଙ୍କୁଥିବାବେଳେ ମୋତେ କିନ୍ତୁ ଭୟ ଲାଗୁଥିଲା। ଏତେ ଉଚ୍ଚରେ କିପରି ସେ କାମ କରୁଛନ୍ତି ! ତାଙ୍କୁ କ'ଣ ଡର ଲାଗୁନି! ଏଭଳି ଶଙ୍କା ମନକୁ ସେତେବେଳେ ଆସିଥିଲା। ଉପନୟନ ପରେ ଆରମ୍ଭ ହେଲା ମୋର ପ୍ରକୃତ ବନକ ସେବା କାମ। ପ୍ରଥମେ ମା' ସୁଭଦ୍ରାଙ୍କ ହରିତାଳ ଆଙ୍କିଥିଲି। ଦିଅଁଙ୍କୁ ମୁଣ୍ଡିଆ ମାରି ଯେତେବେଳେ ସିଂହାସନକୁ ଚଢ଼ିଲି ଏକ ଅପୂର୍ବ ଶିହରଣ ମୋ ଶରୀରରେ ଖେଳିଗଲା। ତାଙ୍କୁ ସ୍ମରଣ କରିବା ସହ ଜପ ଚାଲିଥାଏ। ଖସି ପଡ଼ିବାର ଭୟ ବି ନ ଥାଏ। ଏହାପରେ ବନକ ସେବାର ଅନ୍ୟ ରେଖାଙ୍କନ କାର୍ଯ୍ୟ କରିଛି। ଆଉ ଶିଖିବା ବି ଚାଲିଛି। ଠାକୁରଙ୍କର ଆକର୍ଷଣ କେବଳ ଅନୁଭବର କଥା। ତାଙ୍କକାର୍ଯ୍ୟ କରୁଥିବା ବେଳେ ଆଉ କିଛି କଥା ମୁଣ୍ଡରେ ଲୁକେନି। ଏକଥା କୁହନ୍ତି ଯୁବ ଦତ୍ତମହାପାତ୍ର ସେବକ ଅଚ୍ୟୁତ ରଞ୍ଜନ ଦତ୍ତମହାପାତ୍ର। ଏବେ ସେ ଆଇଆଇଟି ଗୁଆହାଟୀରେ ମାଥ୍‌ମାଟିକ୍ସରେ ପିଏଚ୍‌ଡି କରୁଛନ୍ତି। ତେବେ ମହାପ୍ରଭୁଙ୍କ ସେବା କରିବାରେ ଯେଉଁ ଆନନ୍ଦ ମିଳେ ତାହା କେଉଁଥିରେ ମିଳେନି ବୋଲି କୁହନ୍ତି ଅଚ୍ୟୁତ।



ଅଚ୍ୟୁତ ରଞ୍ଜନ ଦତ୍ତମହାପାତ୍ର



ଅଚ୍ୟୁତଙ୍କ ପିଲାବେଳର ଫଟୋ

# ସୁବାସିତ ସୁବାସ



**ଓଡ଼ିଆ ସଂଗୀତ ଜଗତରେ ଆଦର୍ଶକୁ ବଜାୟ ରଖିବା ପାଇଁ ସେ ଅନେକ ସଂଗୀତପ୍ରେମୀ ପିଲାଙ୍କୁ ମଧ୍ୟ ଏବେ ସଂଗୀତ ଶିକ୍ଷା ଦେଉଛନ୍ତି। ସର୍ବୋପରି କହିବାକୁ ଗଲେ, ସୁବାସ ଦାଶ ହେଉଛନ୍ତି ଓଡ଼ିଆ ସଂଗୀତ ଜଗତର ଏକ ଉଜ୍ଜ୍ୱଳ ତାରକା...**

**୧୯୬୦** ମସିହା ମେ ୧୯ ତାରିଖରେ ଭଦ୍ରକ ଜିଲା ଅଧୀନ ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଗଉଡୁଣୀପୋଖରୀ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ସୁବାସ ଦାଶ। ତାଙ୍କ ପିତାଙ୍କ ନାମ ଆଦିକନ୍ଦ ଓ ମାତା ଜୟମଣି ଦେବୀ। ସେ ଥିଲେ ଛଅ ଭାଇ ଓ ତିନି ଭଉଣୀଙ୍କ ମଧ୍ୟରୁ ଦ୍ୱିତୀୟ ସନ୍ତାନ। ଦଖା ହାଇସ୍କୁଲ, ଭଦ୍ରକ ମହାବିଦ୍ୟାଳୟ ଏବଂ ପରେ ରେଭେନ୍ସା ମହାବିଦ୍ୟାଳୟ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ)ରୁ ଶିକ୍ଷା ଗ୍ରହଣ କରିଥିଲେ। ପତ୍ନୀ ଶୁଭଲକ୍ଷ୍ମୀ ସାସ୍ମଲ, ଗୋଟିଏ ପୁତ୍ର ଓ ଗୋଟିଏ କନ୍ୟାଙ୍କୁ ନେଇ ତାଙ୍କ ସଂସାର।

**ସଂଗୀତ ଯାତ୍ରା:** ପିଲାଟି ଦିନରୁ ସଂଗୀତ ପ୍ରତି ଆକର୍ଷିତ ହୋଇଥିଲେ ସୁବାସ ଦାଶ। ସୁବାସଙ୍କ ପୂର୍ବପୁରୁଷରୁ ପାଲାଗାୟନର ପରମ୍ପରା ରହିଆସିଥିଲା। ତାଙ୍କର ପଣଜେଜେ ରତ୍ନାକର ଦାଶ ଥିଲେ ତାଙ୍କ ବଂଶର ପ୍ରସିଦ୍ଧ ପାଲାଗାୟକ। ଏହାପରେ କ୍ରମାନ୍ୱୟରେ ତାଙ୍କ ବାପା ମଧ୍ୟ ପାଲାଗାୟକ ଥିଲେ। ତାଙ୍କ ଘରେ ଥିବା ପାଲା ପୋଷାକକୁ ଛୋଟବେଳେ ସୁବାସ ଦାଶ ପିନ୍ଧୁଥିଲେ ଆଉ ପାଲା ଗାଇବାକୁ ଚେଷ୍ଟା କରୁଥିଲେ। ସେବେଠୁ ହିଁ ତାଙ୍କ ଭିତରେ ସଂଗୀତର ମଞ୍ଜିଟିଏ ବୁଣି ହୋଇ ଯାଇଥିଲା। ଗୀତ ପ୍ରତି ଆକର୍ଷଣ ପରେ ଛୋଟବେଳରୁ ହିଁ ଗୀତ ଶିଖିବା ଆରମ୍ଭ କରି ଦେଇଥିଲେ ସୁବାସ। ତାଙ୍କର ପ୍ରଥମ ଗୁରୁ ହେଲେ ତାଙ୍କ ମଝିଆ ବାପା ପରମାନନ୍ଦ ଦାଶ। ପରମାନନ୍ଦ ଥିଲେ ଜଣେ ସୁଦକ୍ଷ ଢୋଲବାଦକ। ତାଙ୍କଠାରୁ ହିଁ ସୁବାସଙ୍କର ସଙ୍ଗୀତଶିକ୍ଷା ଆରମ୍ଭ ହୋଇଥିଲା। ତାଙ୍କଠାରୁ ମଧ୍ୟ ପାଲାଗାୟନ ଶିଖିଥିଲେ। ଏପରିକି ସ୍କୁଲରେ ପଢ଼ିବା ସମୟରେ ବଡ଼ଭାଇ ଶରତ ଚନ୍ଦ୍ର ଦାଶଙ୍କ ସହ ମିଶି ପାଲା ଗାନକରି ଭଦ୍ରକ ସବ୍‌ଡିଭିଜନରେ ପ୍ରଥମ ହୋଇ ସ୍କୁଲ୍ ପାଇଁ ଟେବୁଲ୍, ଚେୟାର୍, ଘଣ୍ଟା ଆଦି ପୁରସ୍କାର ଜିତିଥିଲେ।

ଧୀରେଧୀରେ ସୁବାସଙ୍କର ସିନେମା ଗୀତ ପ୍ରତି ଆକର୍ଷଣ ଆସିଥିଲା। ଯେତେବେଳେ ଗାଁରୁ ତୃତୀୟ ଶ୍ରେଣୀ ପାସ୍ କରି ଚାନ୍ଦବାଲିରେ ଚତୁର୍ଥଶ୍ରେଣୀରେ ପଢ଼ିବା ଆରମ୍ଭ କଲେ, ସେ ସମୟରେ ବିଭିନ୍ନ ସ୍ଥାନରେ ହିନ୍ଦୀ ଗୀତସବୁ ବାଜୁଥିଲା। ସେଇ ଗୀତସବୁ ଶୁଣି ସିନେମା ଗୀତ ପ୍ରତି ଏକପ୍ରକାର ମମତା ତିଆରି ହୋଇଯାଇଥିଲା ତାଙ୍କ ଭିତରେ । ହାଇସ୍କୁଲରେ ପଢ଼ିବା ସମୟରେ ସେ ଗୀତ ଗାଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହାପରେ ହାଇସ୍କୁଲରୁ ପାସ୍ ହୋଇ ଯେତେବେଳେ ରେଭେନ୍ସା କଲେଜ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ)ରେ ପାଠ ପଢ଼ିବାକୁ ଆସିଲେ, ସେହି ସମୟରେ ଆୟୋଜିତ ହୋଇଥିବା ସଂଗୀତ ପ୍ରତିଯୋଗିତାରେ ମଧ୍ୟ ପ୍ରଥମସ୍ଥାନ ହାସଲ କରିଥିଲେ। ସେବେଠୁ ଆକାଶବାଣୀ କଟକର ଦୃଷ୍ଟି ଆକର୍ଷଣ କରିଥିଲେ ସେ। ଆକାଶବାଣୀର 'ଯୁବବାଣୀ' ବିଭାଗ ତରଫରୁ ପ୍ରଥମକରି ତାଙ୍କ କଣ୍ଠରୁ ରେକର୍ଡିଂ ହୋଇଥିଲା 'ସୁନାଚଢ଼େଇ, ରୁପା ଚଢ଼େଇ' ସଂଗୀତଟି। ତାଙ୍କୁ ଗୀତ ଗାଇବା ବାବଦକୁ ଏକଶହ ଟଙ୍କା ମଧ୍ୟ ଆକାଶବାଣୀ ତରଫରୁ ମିଳିଥିଲା। ସେହି ଗୀତ ସେ ସମୟରେ ବହୁତ ପ୍ରସିଦ୍ଧି ଲାଭକଲା। ଆକାଶବାଣୀ ତରଫରୁ ଦିଲ୍ଲୀ ପ୍ରତିଯୋଗିତା ପାଇଁ ତାଙ୍କଠାରୁ ଏକ ଗୀତ 'କି ଦେଇ ପୂଜିବି ମା' ତୁମରି ଚରଣ'କୁ ପଠାଗଲା। ସୁରେଶ ୱାଦେକରଙ୍କ ପରେ ସେ ସେହି ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏହାପରେ ସେ ଅନେକ ଓଡ଼ିଆ ଆଲବମ୍ ଗୀତରେ କଣ୍ଠଦାନ କରିଥିଲେ।

ପ୍ରଥମ ସିନେମା ଭାବେ 'ମାନସୀ'ରେ ତାଙ୍କୁ କଣ୍ଠଦାନ କରିବାର ସୁଯୋଗ ମିଳିଥିଲା। ଆକାଶବାଣୀରେ ଗୀତ ଗାଇବା ସମୟରେ ତାଙ୍କ ସହ ଭେଟ ହୋଇଥିଲା ପ୍ରଫୁଲ୍ଲ କରଙ୍କର। ସେ ତାଙ୍କୁ ସିନେମାରେ ଗୀତ ଗାଇବାକୁ ସୁଯୋଗ ଦେଇଥିଲେ।ଏହି ରେକର୍ଡିଂଟି କଲିକତାର ଟେକ୍ନିସିଆନ୍ ଷ୍ଟୁଡିଓରେ ହୋଇଥିଲା। ଗୀତର ନାଁ ଥିଲା ''ଝୁମ୍ ଝୁମ୍ ଝୁମ୍ ଲୋ ଗୋରୀ''। ତାଙ୍କ ସହ ଏହି ଗୀତରେ କଣ୍ଠଦାନ କରିଥିଲେ ସିପ୍ରା ବୋଷ। ଏହା ପରେ ପରେ ଏଯାବତ୍ 'ସତୀ ଅନସୂୟା', 'ସମର୍ ସଲିମ୍ ସାଇମନ୍' ଆଦି ୧୪୬ଟି ସିନେମାରେ ଗାଇଛନ୍ତି। ଏଥିସହ ସେ ହିନ୍ଦୀ ରାମାୟଣରେ ମଧ୍ୟ କଣ୍ଠଦାନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ଯା ଦେବୀ ସର୍ବଭୂତେଷୁ' (୧୯୮୯)ର ବଙ୍ଗଳା ସିନେମା କରାଯାଇଥିଲା, ଯାହାର ନାମ ଥିଲା 'ନ୍ୟାୟଚକ୍ର'। 'ଯାଦେବୀ ସର୍ବଭୂତେଷୁ'ରେ ଶ୍ରୀ ଦାଶ ସ୍ୱର ଦେଇଥିବାରୁ ବଙ୍ଗଳାରେ ମଧ୍ୟ ତାଙ୍କୁ 'ନ୍ୟାୟଚକ୍ର'ରେ ଗୀତ ଗାଇବାର ସୁଯୋଗ ମିଳିଲା। ଏହା ପରେପରେ ଭୋଜପୁରୀ, ଅସାମୀୟ ଆଦି ଭାଷାରେ ବି ଗୀତ ଗାଇଥିଲେ।

**ବିବାହ:** ରାଉରକେଲାରେ ଏକ ଭଜନ କାର୍ଯ୍ୟକ୍ରମରେ ସୁବାସଙ୍କ ସହ ଭେଟ ହୋଇଥିଲେ ଶୁଭଲକ୍ଷ୍ମୀ ସାସ୍ମଲ। ସେଠାରେ ଉଭୟ ମିଶି ଏକ ଗୀତ ମଧ୍ୟ ଗାନ କରିଥିଲେ। ସେହି ଗୀତଟି ଥିଲା, ''ଶ୍ୟାମ୍ ତେରି ବଂଶୀ ପୁକାରେ ରାଧା ନାମ''। ସେହିଠାରୁ ହିଁ ଆରମ୍ଭ ହୋଇଥିଲା ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ। ଯାହାପରେ ବିବାହର ରୂପ ନେଇଥିଲା। ଉଭୟ ପରିବାରର ସମ୍ମତିକ୍ରମେ ବିବାହ କାର୍ଯ୍ୟ ବିନା ଯୌତୁକରେ, ବିନା ପ୍ରୋସେସନରେ ସମାପ୍ତ ହୋଇଥିଲା। ସୁବାସ କୁହନ୍ତି, ତାଙ୍କ ସଂଗୀତ ଯାତ୍ରାର ଏକ ପ୍ରଧାନ ପ୍ରେରଣାର ଉତ୍ସ ହେଉଛନ୍ତି ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ।

**ପୁରସ୍କାର ଓ ସମ୍ମାନ:** ସେ ସଂଗୀତ କ୍ଷେତ୍ରରେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ୧୯୯୦ ମସିହାରେ 'ଦଇବ ଦଉଡ଼ି' ସିନେମାର ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ପ୍ଲେବ୍ୟାକ୍ ସିଙ୍ଗର) ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ କରିଥିଲେ। ଏହାପରେ ୧୯୯୯ରେ ପୁନର୍ବାର 'ମନ ରହିଗଲା ତୁମରି ଠାରେ' ସିନେମାର ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ପୁରସ୍କୃତ ହୋଇଥିଲେ। ଏଥିସହ ୨୦୧୨ରେ ପ୍ରଣବ ପରମ୍ପରା ସମ୍ମାନ, ୨୦୧୫ରେ ଅକ୍ଷୟ ସ୍ମୃତି ସମ୍ମାନ ଆଦି ଅନେକ ପୁରସ୍କାର ପାଇଛନ୍ତି ।

**ଦୃଷ୍ଟିଭଙ୍ଗୀ:** ସଂଗୀତ ବ୍ୟତୀତ ସୁବାସ ଥିଲେ ଜଣେ ମେଧାବୀ ଛାତ୍ର। ଏତଦ୍‌ବ୍ୟତୀତ ସେ ଭଲ ଫୁଟବଲ ମଧ୍ୟ ଖେଳୁଥିଲେ। ସଂଗୀତ ଜଗତକୁ ନ ଆସିଥିଲେ ସେ ହୋଇଥା'ନ୍ତେ ଜଣେ ଇଞ୍ଜିନିୟର କିମ୍ବା ସୈନିକଟିଏ। କାରଣ ତାଙ୍କ ଭିତରେ ଦେଶପ୍ରେମର ମାନସିକତା ପୂର୍ଣ୍ଣରୂପେ ଭରିରହିଛି। ଦେଶକୁ ନେଇ ସେ ଢେର ସ୍ୱପ୍ନ ଦେଖନ୍ତି। ବର୍ତ୍ତମାନର ସଂଗୀତ ସଂସ୍କୃତିକୁ ଏଡ଼ାଇ ଦେଇଛି ବୋଲି ସେ କ୍ଷୋଭ ପ୍ରକାଶ କରନ୍ତି। ଓଡ଼ିଆ ସଂଗୀତ ଜଗତରେ ଆଦର୍ଶକୁ ବଜାୟ ରଖିବା ପାଇଁ ସେ ଅନେକ ସଂଗୀତପ୍ରେମୀ ପିଲାଙ୍କୁ ମଧ୍ୟ ଏବେ ସଂଗୀତ ଶିକ୍ଷା ଦେଉଛନ୍ତି। ସର୍ବୋପରି କହିବାକୁ ଗଲେ, ସୁବାସ ଦାଶ ହେଉଛନ୍ତି ଓଡ଼ିଆ ସଂଗୀତ ଜଗତର ଏକ ଉଜ୍ଜ୍ୱଳ ତାରକା। ସଂଗୀତକୁ ଉଭୟ ନିଶା ଓ ପେସା କରି ବଞ୍ଚୁଥିବା ଶ୍ରୀ ଦାଶ ଏବେ ମଧ୍ୟ ସଂଗୀତ ମଧ୍ୟରେ ନିଜକୁ ହଜାଇ ଦିଅନ୍ତି ସବୁବେଳେ। ସେ ଓଡ଼ିଆ ଗୀତିକାରଙ୍କ ପାଇଁ ଏକ ପ୍ରେରଣାର ଉତ୍ସ।

–ସ୍ମୃତିରଞ୍ଜନ ସେଠୀ
୯୩୩୭୦୮୯୨୬୨







# ହୋ' ଭଗତେ !!

-ଶିବ ମିଶ୍ର

ଅନ୍ୟ ଦିନପରି ସେଦିନ ବି ସଞ୍ଜ ଗଡ଼ି ଅନ୍ଧାର ମାଡ଼ି ଅଇଲା ବେଳକୁ ସେ ଲୋକଟି ଗାଁକୁ ଫେରୁଥିଲା । ଗାଁ ମୁଣ୍ଡରେ ଥିବା ଗୋଟିଏ ଚାଳିଆ ଘରଭିତରୁ ଜଣେ ବୁଢ଼ୀ ହଠାତ ବାହାରକୁ ଆସି ତାକୁ କହିଲେ- ଆରେ ପୁଅ, ଟିକିଏ ରହିଲୁ। ସିଏ ରହିଲା । ସେ ବୁଢ଼ୀ, ତାକୁ ମୁଣ୍ଡିଆ ମାରିବା ପାଇଁ ଅଣ୍ଟା ନୁଆଇଁଲା ବେଳେ, ତାଙ୍କୁ ଅଟକାଇ, ସେ ଲୋକଟି କହିଲା- ତମେ ଇଏ କ'ଣ କରୁଛ ? ବୁଢ଼ୀ କହିଲେ- ତୁ ନିତି ଶୀରି- କ୍ଷେତର ଯାଉଛୁ, କାଳିଆ ସାଆନ୍ତଙ୍କୁ ଦେଖୁଛୁ। ମୁଁ ତ ଯାଇ ପାରୁନି। ମୋ ଚର୍ମ ଚକ୍ଷୁରେ ମାହାପୁରୁଙ୍କୁ ଦେଖି ପାରୁନି। ତୁ କ'ଣ ଜାଣିନୁ, ଠାକୁରେ ତାଙ୍କ ଭକତଙ୍କ ସାଙ୍ଗରେ ଥାଆନ୍ତି ପରା । ସେଇଥିପାଇଁ ତତେ ମୁଣ୍ଡିଆ ମାରିଲେ, ମୋ ଅଥୟ ମନ ଥୟ ଧରିବ। ଜଳନ୍ତା ହିଆ ଶୀତଳହେବ। ଲୋକଟି ଠିଆ ହେଲା ଜାଗାରୁ ପାହୁଣ୍ଡେ ପଛେଇଯାଇ କହିଲା- ହଁ, ମୁଁ ନିତି ଅଠର ନଳା ଡେଇଁ ବଡ଼ଦାଣ୍ଡକୁ ଯାଉଛି। ଶରଧା ବାଲିକୁ ମଥାରେ ମାରି,ବାଇଶି ପାହାଚ ଚଢୁଛି। ଦେଉଳ ଭିତରେ ଗରୁଡ଼ ଖମ୍ବ ପାଖରେ ଠିଆହୋଇ ଗମ୍ଭୀରାକୁ ଚାହୁଁଛି। ହେଲେ ଠାକୁରଙ୍କୁ ଦେଖିପାରୁ ନାହିଁ। ସେଇ ଭିତରଟା ମୋତେ ଖାଲି ଅନ୍ଧାର ଦିଶୁଛି। ତା' କଥା ଶୁଣି ବୁଢ଼ୀ ଟିକିଏ ହସିଲେ । ତା'ପରେ କହିଲେ- ଉହୁଁ, ନାଇଁରେ ପୁଅ ଏମିତିରେ ଠାକୁର ଦିଶନ୍ତି ନାଇଁ। ମୋ କଥା ଶୁଣ, ତୁ ଶୀରିକ୍ଷେତରକୁ ଗଲେ ଆଗକରି ସମୁଦ୍ର କୂଳକୁ ଯିବୁ। ସେଇଠି କେତେ ନା କେତେ ଲୋକ ଥିବେ। ତାଙ୍କ ହୋ-ହଲ୍ଲାରେ ଫାଟିପଡୁଥବ ସେ ସମୁଦ୍ର କୂଳ। ତୁ ସେ ଶବଦରୁ ତୋ ମୁଠାରେ ମୁଠାଏ ନିଶବଦ ନେଇ, ବଡ଼ ଦାଣ୍ଡକୁ ଆସିବୁ। ଅରୁଣ ଖମ୍ବ ପାଖରେ ପହଞ୍ଚିଲା ବେଳକୁ ଦେଖିବୁ, କାଳିଆ ଠାକୁରେ ତାଙ୍କ ଗମ୍ଭୀରାରୁ ବାହାରି ବାଇଶି ପାହାଚ ପାର ହୋଇ, ସିଂହ ଦୁଆର ଆଗରେ ଠିଆ ହୋଇ ତାଙ୍କ ଚକାଆଖିରେ ଭଗତଙ୍କୁ ଚାହିଁ, ଦି'ବାହୁ ମେଲେଇ, ଆସ ଆସ ବୋଲି ଡାକୁ ଥିବେ।

ଜଳକାଙ୍କ ପରି ଚାହିଁ, ବୁଢ଼ୀଙ୍କ କଥା ଶୁଣୁଥିବା ସେଇ ଲୋକଟି କହିଲା- ଏତେ ଦିନ ଯାଏଁ ମୁଁ ତେଢ଼ା ମେଢ଼ା ବାଟରେ ଯାଉଥିଲି। ଆଜି ତମେ ମତେ ଠାକୁରଙ୍କୁ ଦର୍ଶନ କରିବାପାଇଁ ସଳଖ ବାଟ ବତାଇ ଦେଲ। ଏବେ ସିଏ ସେ ବୁଢ଼ୀଙ୍କୁ ମୁଣ୍ଡିଆ ମାରିବାପାଇଁ ତା'ମୁଣ୍ଡ ନୁଆଉଁଥିଲା, ବୁଢ଼ୀ ତାକୁ ନ ଚାହିଁ, ତାଙ୍କ ଚାଳିଆ ଭିତରକୁ ପଶିଗଲେ। ସେଇଠୁ ସେଇ ଲୋକଟି ଗାଁ ଭିତରକୁ ଯିବାକୁ ବାହାରିଲା ବେଳକୁ, ତାକୁ ଲାଗିଲା ଯେମିତି କିଏ ଜଣେ ବଡ଼ ପାଟିରେ ଡାକୁ ଡାକୁ ଥିଲା- 'ଭଗତେ ହୋ' ଭଗତେ'।

*-ବାଣପୁର ,ଖୋରଧା*
*୯୮୫୩୦୭୦୦୧୮*

# ସେ ଦୁଇ ଆଖି

-କାମଦେବ ମହାରଣା

ସେ ଦୁଇ ଆଖି ଭିତରେ ମତେ ଦିଶିଛି ଦୁଇ ନଈ
ସେ ଦୁଇ ଆଖି ସାଥିରେ କେବେ ଯାଇଛି ଟିକେ ବହି
ସେ ଦୁଇ ଆଖି ତୀରରେ କେବେ ତୋଳିଛି ଚାଳି ଘର
ସେ ଦୁଇ ଆଖି ଲାଗିଛି ମତେ ଇପ୍ସିତ ସ୍ୱର୍ଗ ମୋର।

ସେ ଦୁଇ ଆଖି କେବେ ହୋଇଛି କଳ୍ପନାର କୋଠି
ସେ ଦୁଇ ଆଖି କେବେ ଉଷୁମ ଦୁଇ ଆଞ୍ଜୁଳା ମାଟି
ସେ ଦୁଇ ଆଖି କେବେ ଆକାଶ କେବେ ପୃଥିବୀ ପରି
ସେ ଦୁଇ ଆଖି କେବେ ଆଷାଢ଼ ବାଦଲ ଥାନ୍ତି ଧରି ।

ସେ ଦୁଇ ଆଖି ଦୁଇଟି ସତ ଉଦୟ ଆଉ ଅସ୍ତ
ସେ ଦୁଇ ଆଖି ଜନମ ଆଉ ମରଣ ପରି ବ୍ୟସ୍ତ
ସେ ଦୁଇ ଆଖି କେବେ ଯୋଡିଏ ନୀରିହ ବଣ ମଲ୍ଲି
ସେ ଦୁଇ ଆଖି ସମୟ କୋଳେ ଗତ – ଆଗତ କାଲି ।

ସେ ଆଖି ଦୁଇ ହ୍ରଦ ଡେଇଁଲେ ଓଠ ପାହାଡ଼ ତଳେ।
ପୁନେଇଁ ରାତି ତୋରା ଆକାଶେ କଳା ହୀରାଟି ଜଳେ।

*ଯାନ୍ତ୍ରିକ ବିଭାଗ, ପୂର୍ବତଟ ରେଳପଥ ,ପୁରୀ –୨*
*ମୋ:୯୬୫୮୦୨୬୬୧୨*

# ବରଷା

-ଶୁଭେନ୍ଦୁ ମହାନ୍ତି

ଏ ବରଷ
ବରଷା ଆସିଛି
ମୋ ରାଇଜକୁ,
ମୋ ଗାଁକୁ
ଅଧାପୋଡା ମଣିଷର
ପାଣିର ନିଆଁରେ
ଅନାଥ ଶିଶୁଟିର ନିରୀହ ଆଖିରେ
ଅସହାୟ ନାରୀଟିର
ଅକୁହା କୋହରେ
ଲୁହର ବନ୍ୟାରେ
ବରଷାରେ ଭିଜିବାକୁ
ଡର ଲାଗେ ଆଜି
କେଉଁ ଏକ ଅଜଣା ଭୟରେ ।

-ପ୍ରାଧ୍ୟାପକ, ପ୍ରାଣନାଥ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଖୋର୍ଦ୍ଧା
ମୋ :୯୪୩୭୭୭୫୭୫୭



# ଲେଖାଲେଖିରେ ମନ


ସାରା

**ସୈ**ଫ ତନୟା ସାରା ଅଲ୍ଲୀ ଖାଁଙ୍କୁ ଏବେ ପର୍ଯ୍ୟାପ୍ତ ସମୟ ମିଳିଛି। ସେ ଯାହା କରିବାକୁ ଚାହୁଁଥିଲେ ସେଥିରେ ନିଜକୁ ଅଧିକାଂଶ ସମୟ ବ୍ୟସ୍ତ ରଖୁଛନ୍ତି। ଗତ କିଛି ମାସ ହେବ ତ ଲକ୍‌ଡାଉନ୍ ଚାଲିଥିଲା। ତେଣୁ ସାରା ପରିବାର ସଦସ୍ୟଙ୍କ ସହ ସମୟ କଟାଉଥିଲେ। ଥରେ ତାଙ୍କର ମନ ହେଲା କବିତା ରଚନା କରିବାକୁ। ବାସ୍, ନିଜ ମନର ଆଶାକୁ ପୂରଣ କରିବାକୁ କବିତା ଲେଖିବାକୁ ବସି ପଡ଼ିଲେ ସେ। ଦୁଇ-ତିନୋଟି କବିତା ଲେଖିବା ପରେ ସିଧା ଯାଇଥିଲେ ସୈଫଙ୍କ ନିକଟକୁ । ଆଉ ସେଠାରୁ ପ୍ରଶଂସା ପାଇବା ପରେ ଏବେ ସମୟ ମିଳିବା ମାତ୍ରେ କବିତା ଲେଖିବାକୁ ବସିପଡୁଛନ୍ତି । ଏ ନେଇ ସାରା କହନ୍ତି, 'ସ୍କୁଲରେ ପଢ଼ିବା ସମୟରେ କେତେବେଳେ କେମିତି କବିତା ଲେଖୁଥିଲି। ହେଲେ ଢେର୍ ବର୍ଷ ହେବ ସେଥିରୁ ଟଚ୍ ଛାଡ଼ିଗଲାଣି। ଏଥର ଲକ୍‌ଡାଉନ୍ ସମୟରେ କବିତା ଲେଖିବାକୁ ସ୍ଥିର କରିଥିଲି। ମୋର କବିତା ପଢ଼ିବା ପରେ ପାପା ମୋତେ ଯେଉଁ ପ୍ରଶଂସା କଲେ ତାହା ମୋର କବିତା ଲେଖିବା ନିଶାକୁ ଦ୍ୱିଗୁଣିତ କରିଛି।' ତେବେ କବି ଭାବରେ ସାରା କେତେ ମାଇଲେଜ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ଟାଇଟଲ୍ ପାଇଁ ଟେନ୍‌ସନ

**ଅ**ଭିନେତା କାର୍ତ୍ତିକ ଆର୍ଯ୍ୟନ ଏବେ ଟେନ୍‌ସନରେ। ଅନେକ ବିଚାର ବିମର୍ଷ ପରେ ଫିଲ୍ମଟିର ଟାଇଟଲ ଫାଇନାଲ ହୋଇଥିଲା। ତାହା ଥିଲା 'ସତ୍ୟନାରାୟଣ କି କଥା'। ହେଲେ ଏପରି ଶୀର୍ଷକକୁ ବଦଳାଇବାକୁ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ଚିନ୍ତା କରୁଛନ୍ତି। ଖାସ୍ କଥା ହେଲା, ଟାଇଟଲକୁ ନେଇ ଆଲୋଚନା ସମୟରେ 'ସତ୍ୟନାରାୟଣ କି କଥା' ରଖିବାକୁ କାର୍ତ୍ତିକ ପ୍ରପୋଜାଲ ଦେଇଥିଲେ ଏବଂ ଶେଷରେ ତାହାକୁ ଫାଇନାଲ କରାଯାଇଥିଲା। ହେଲେ ଏବେ ପ୍ରଯୋଜକ ସାଜିଦ ନାଦିଆଦୱାଲା ଏହାକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ଅନ୍ୟପକ୍ଷରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଏକ ଭଲ ଟାଇଟଲ ଖୋଜିବାରେ ତାଙ୍କ ସହ ଅଛନ୍ତି ନିର୍ଦ୍ଦେଶକ ସମୀର ବିଦ୍ୱାନସ। 'ଏପରି ଟାଇଟଲ୍ ହୁଏତ କାହାର ମାନସିକତାକୁ ଆଘାତ ଦେଇପାରେ। ତେଣୁ ଏହାକୁ ବଦଳାଇବା ପାଇଁ ଆପାତତଃ ସ୍ଥିର କରାଯାଇଛି ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।'


କାର୍ତ୍ତିକ ଆର୍ଯ୍ୟନ


ଶିଳ୍ପା

# ସତ ହେଲା ଶିଳ୍ପାଙ୍କ ଅନୁମାନ

**ବେ**ଳେବେଳେ ପୂର୍ବାନୁମାନ ଶତ ପ୍ରତିଶତ ସତ ସାବ୍ୟସ୍ତ ହୋଇଥାଏ। ଦେଖୁନାହାନ୍ତି ଏକ ଗୀତକୁ ନେଇ ସେ ଯାହା କହିଥିଲେ ତାହା କିପରି ସତରେ ପରିଣତ ହୋଇଛି। ହଁ, ଏପରି ଅନୁମାନ କିଏ କରିଥିଲେ ଜାଣନ୍ତି ? ଶିଳ୍ପା ସେଟ୍ଟି। କଥା କ'ଣ କି ଘର ସଂସାର କରିବା ପରେ ଶିଳ୍ପା ପ୍ରାୟ ଅଭିନୟଠାରୁ ଦୂରେଇ ଯାଇଛନ୍ତି। ବର୍ତ୍ତମାନ ସେ ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବେ, ଆଉ ଚଳଚ୍ଚିତ୍ରଟି ହେଲା, 'ହଙ୍ଗାମା-୨'। କମେଡିଭିତ୍ତିକ ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଶିଳ୍ପା। ଅସଲ କଥା ହେଲା, ଉକ୍ତ ସିନେମାରେ ସଂଯୋଜିତ 'ଚୁରାକେ ଦିଲ୍ ମେରା'ର ଟିଜର ନିଶ୍ଚୟ ଭାଇରାଲ ହେବ ବୋଲି ଶିଳ୍ପା ପୂର୍ବାନୁମାନ କରିଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ ଏହା ରିଲିଜ ହୋଇ ଦର୍ଶକଙ୍କୁ ପ୍ରଭାବିତ କରିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଆଗାଧାଡ଼ିର ନିର୍ଦ୍ଦେଶକ ପ୍ରିୟଦର୍ଶନ। ଶିଳ୍ପାଙ୍କ ବ୍ୟତୀତ ପରେଶ ରାୱଲ, ପ୍ରଣିତା ସୁବାସ, ରାଜପାଲ୍ ଯାଦବ, ଆଶୁତୋଷ ରାଣା, ଜନି ଲିଭର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ରତନ ଜୈନଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟି ଚଳିତ ମାସ ୨୩ରେ ରିଲିଜ ହେବାର ଯୋଜନା ରହିଛି।


ସସ୍ମିତା-ଦୀପକ


# ଧଡକନ୍‌ରେ ତୁ

**ସ**ତରେ ପ୍ରେମର ନିଶା ନିଆରା। ଏହି ନିଶା ଥରେ ଘାରିଲେ ସେଥିରୁ ମୁକୁଳିବା କଷ୍ଟକର ହୋଇଥାଏ। ବିଶେଷ ଭାବରେ କଲେଜ ପଢ଼ିବା ସମୟରେ ପ୍ରେମ କରିବାକୁ ମନ ବେଶି ଢଳିଥାଏ। ଆଉ ସେପରି ପ୍ରେମରେ ପାଗଳ ହେବା ପରେ ଦୁଇ ଜଣ କଲେଜ ଛାତ୍ରୀଛାତ୍ର ସେମାନଙ୍କର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି। ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଧଡକନ୍ ରେ ତୁ'। ସୁବାସ ଦାଶ ଏବଂ ସମରେଶ ରାଉତରାୟଙ୍କ ମିଳିତ ପ୍ରଯୋଜନାରେ ଏହାର ସମସ୍ତ କାର୍ଯ୍ୟ ଶେଷ ହୋଇଛି। ଏହି ଚିତ୍ରର ନାୟକ ସାଜିଛନ୍ତି ଦୀପକ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି 'ହାପି ଲକି'ର ନାୟିକା ସସ୍ମିତା। ଏଥିରେ ନିଜ ଭୂମିକା ସମ୍ପର୍କରେ ଦୀପକ କହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ କଲେଜ ଛାତ୍ର ଭୂମିକାରେ ଅଭିନୟ କରିଛି। ଏହାର କାହାଣୀର ଲଭ୍, ଇମୋଶନ, କମେଡି ଭରି ରହିଛି ଏବଂ ତାହା ଦର୍ଶକଙ୍କୁ ଏକ ସ୍ୱତନ୍ତ୍ର ଏଣ୍ଟରଟେନମେଣ୍ଟ ଦେବ ବୋଲି ଆଶା ରଖିଛି। ସୁଧାକର ବସନ୍ତ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ।

# ତୁଟୁନି ବଲିଉଡ୍ ମୋହ

**ବି**ଦେଶରେ ହାତକୁ ଦି' ହାତ ହେବା ପରେ ପ୍ରିୟଙ୍କା ଚୋପ୍ରା ଏବେ ନିଜର ହଲିଉଡ୍ କ୍ୟାରିୟରକୁ ନେଇ ବ୍ୟସ୍ତ। ବର୍ତ୍ତମାନ ତାଙ୍କ ହାତରେ ଦୁଇଟି ହଲିଉଡ୍ ଅଫର-'ଦ ମ୍ୟାଟ୍ରିକ୍ସ-୪' ଏବଂ 'ଟେକ୍ସଟ୍ ଫର ୟୁ' ରହିଛି। କିନ୍ତୁ ବଲିଉଡ୍ ମୋହରୁ ସେ ନିଜକୁ ମୁକୁଳାଇ ପାରୁନାହାନ୍ତି। ଯଦି ଭଲ ଅଫର ମିଳେ ତେବେ ଏ ନେଇ ନିଶ୍ଚୟ ଚିନ୍ତା କରିବେ ବୋଲି କହି ବୁଲୁଛନ୍ତି। ଏ ନେଇ ପ୍ରିୟଙ୍କା କହନ୍ତି, 'ଆଜି ମୁଁ ଜଣେ ଅଭିନେତ୍ରୀର ପରିଚୟ ପାଇଛି କେବଳ ବଲିଉଡ୍ ପାଇଁ। ଏକଥା ସତ ଯେ ଏବେ ମୁଁ ହଲିଉଡ୍‌ରେ ବ୍ୟସ୍ତ ରହୁଛି। ମୋର ଦୁଇଟି ସିନେମାର ଶୁଟିଂ ବ୍ୟାକ୍-ଟୁ-ବ୍ୟାକ୍ ଲଣ୍ଡନରେ ଆରମ୍ଭ ହେବ। ଯଦି ୟା ଭିତରେ ମୋତେ ବଲିଉଡ୍ ଅଫର ମିଳେ ତେବେ ସେ ନେଇ ମୁଁ ନିଶ୍ଚୟ ତର୍ଜମା କରିବି। ବର୍ତ୍ତମାନ ମୋ ପାଖରେ ଡେଟ୍ ନାହିଁ। ତେଣୁ ସେ ହିନ୍ଦୀ ସିନେମା ପାଇଁ ମୋତେ ଭଲ ଭାବରେ ଚିନ୍ତା କରି ନିଷ୍ପତ୍ତି ନେବାକୁ ପଡ଼ିବ।


ପ୍ରିୟଙ୍କା ଚୋପ୍ରା


ଜନ୍ ଆବ୍ରାହମ୍

# ଡବଲ୍ ଅବତାର

**କ**ଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଏତେ ବର୍ଷ ଧରି ସେ ଯେଉଁ ଆଶା କରିଥିଲେ ତାହା କିପରି ପୂରଣ ହୋଇଛି। ଆଉ ଏପରି ଚାନ୍ସ ଯେପରି ତାଙ୍କର ଆକ୍ଟିଂ କ୍ୟାରିୟରକୁ ମାଇଲେଜ ଦେବ ସେ ନେଇ ମଧ୍ୟ ବେଶ୍ ପରିଶ୍ରମ କରିଛନ୍ତି। ହଁ, ଏହି ଅଭିନେତା ଜଣକ ହେଲେ ଜନ୍ ଆବ୍ରାହମ୍। ସେ ଅଭିନୟ କରିଥିବା 'ସତ୍ୟମେବ ଜୟତେ-୨'ର ଶୁଟିଂ ସହ ଅନ୍ୟ ସମସ୍ତ କାମ କିଛି ମାସ ହେବ ଶେଷ ହୋଇଛି। ଏଥିରେ ଜନ୍ ପ୍ରଥମ ଥର ପାଇଁ ଡବଲ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବେ। ଏହି ଚିତ୍ରରେ ସେ ଜଣେ ପୋଲିସ ଅଫିସର ଏବଂ ଜଣେ ସାଧାରଣ ମଣିଷ (କମନମ୍ୟାନ୍) ଭାବରେ ଦେଖାଦେବେ। ସଲମାନ୍ ଖାଁ ଅଭିନୀତ 'ରାଧେ ୟୋର ମୋଷ୍ଟ ୱାଣ୍ଟେଡ ଭାଇ' ସହ ଏହି ଫିଲ୍ମଟି ରିଲିଜ ହୋଇଥାଆନ୍ତା। ହେଲେ ପ୍ରଯୋଜକ ଏହାକୁ ପ୍ରେକ୍ଷାଳୟରେ ରିଲିଜ କରାଇବାକୁ ଚାହୁଁଛନ୍ତି। ତେଣୁ କୋଭିଡ୍ ପାଇଁ ରିଲିଜ ଡେଟ୍ ଗଡ଼ି ଗଡ଼ି ଚାଲିଛି। ତେବେ ଫିଲ୍ମଟି ପରଦା ଉପରକୁ ଆସିଲେ ଡବଲ ରୋଲ୍‌ରେ ଜନ୍ କି କମାଲ କରିଛନ୍ତି ତାହା ଜଣାପଡ଼ିବ। ମିଲାପ ଜାଭେରୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଦିବ୍ୟା ଖୋସଲାଙ୍କୁ ମଧ୍ୟ ଦେଖିବାକୁ ମିଳିବ।

ପ୍ରଥମ ରୋଜଗାର

# ପ୍ରୋଗ୍ରାମ୍ ଟଙ୍କାରେ ନୃତ୍ୟାଭୂଷଣ କିଣିଥିଲି



ଓଡ଼ିଶୀ ନୃତ୍ୟ ଗୁରୁ **ଲିଙ୍ଗରାଜ ସ୍ୱାଇଁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ**ର ଜନ୍ମ ପୁରୀ ଜିଲାର କୋଣାର୍କଠାରେ। କୋଣାର୍କ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ସ୍ଥାନୀୟ ଭଗବତୀ ମହାବିଦ୍ୟାଳୟରେ ଯୁକ୍ତ ତିନି ଯାଏଁ ପାଠ ପଢିଥିଲି। ପାଠ ସିନା ପଢୁଥିଲି ହେଲେ ମୋର ରୁଚି ରହିଥିଲା ଓଡ଼ିଶୀ ନୃତ୍ୟରେ। ଲୋକପ୍ରିୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଗଙ୍ଗାଧର ପ୍ରଧାନ ଯେହେତୁ ମୋର ନିଜ ଭିଣୋଇ ଥିଲେ, ତେଣୁ ତାଙ୍କ ସଂସ୍ପର୍ଶରେ ଆସି ମୋ ଭିତରେ ମଧ୍ୟ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ସେଥିପାଇଁ ସ୍କୁଲପଢା ସମୟରେ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କଠାରୁ ପ୍ରଥମେ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲି। ତାଙ୍କଠାରୁ ୪ ବର୍ଷ ଶିଖିବା ପରେ ସେହି ଗୁରୁଙ୍କର କ'ଣ ଅସୁବିଧା ହେବାରୁ ସେ ଆଉ ନୃତ୍ୟ ଶିଖାଇବାକୁ ଆସିଲେ ନାହିଁ। ତେଣୁ ନୃତ୍ୟ ଶିକ୍ଷା ମୋର ଅଧାରୁ ବନ୍ଦ ହୋଇଗଲା। ଯୁକ୍ତ ତିନି ପଢା ସରିବା ପରେ ପୁଣିଥିରେ ଓଡ଼ିଶୀ ନୃତ୍ୟ ଶିଖି ସେଥିରେ କ୍ୟାରିୟର୍ କରିବା ପାଇଁ ଚିନ୍ତା କରି ଭୁବନେଶ୍ୱରସ୍ଥିତ ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟରେ ଆଡ୍‌ମିଶନ ନେଲି। ତା'ସହିତ ଗୁରୁ ଗଙ୍ଗାଧର ପ୍ରଧାନଙ୍କର ଭୁବନେଶ୍ୱରରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ନାମରେ ଏକ ବଡ଼ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ମଧ୍ୟ ଥିଲା। ସଙ୍ଗୀତ ମହାବିଦ୍ୟାଳୟରେ ପଢିବା ସହିତ ଉକ୍ତ ଡ୍ୟାନ୍ସ ଏକାଡେମୀରେ ରହି ପ୍ରାଇଭେଟ୍‌ରେ ମଧ୍ୟ ଓଡ଼ିଶୀ ନୃତ୍ୟ ଶିକ୍ଷା ନେଉଥିଲି। ତେବେ ସଙ୍ଗୀତ ମହାବିଦ୍ୟାଳୟରୁ ଓଡ଼ିଶୀ ନୃତ୍ୟରେ ମାଷ୍ଟର ଡିଗ୍ରୀ ସାରିବା ପରେ ବେଶ୍ କିଛି ଦିନ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଟ୍ରୁପ୍‌ରେ ରହି ନିଜେ ନୃତ୍ୟାଭ୍ୟାସ କରିବା ସହ ପିଲାଙ୍କୁ ମଧ୍ୟ ନୃତ୍ୟ ଶିକ୍ଷା ଦେଉଥିଲି। ତା'ସହିତ ନିଜସ୍ୱ ଉଦ୍ୟମରେ ତଥା ଉକ୍ତ ଟ୍ରୁପ୍ ସହ ମିଶି ବିଭିନ୍ନ ସ୍ଥାନକୁ ଯାଇ ଷ୍ଟେଜ୍ ପ୍ରୋଗ୍ରାମ୍ ବି କରୁଥିଲି। ଉକ୍ତ ପ୍ରୋଗ୍ରାମ୍‌ରୁ ଯାହା କିଛି ପଇସା ହାତକୁ ଆସୁଥିଲା, ସେହି ପଇସାରେ ଖୁସିରେ ଭୋଜି କରି ଆମେ ଖାଉଥିଲୁ। ଥରେ ଉତ୍କଳ ଦିବସ ଅବସରରେ ଦିଲ୍ଲୀ ଓ ଚଣ୍ଡିଗଡ଼ରେ ଓଡ଼ିଶୀ ନୃତ୍ୟ ପରବେଷଣ କରିବା ପାଇଁ ଆମକୁ ସୁଯୋଗ ମିଳିଥିଲା। ଆଉ ଏହି ପ୍ରୋଗ୍ରାମ୍‌ରୁ ଆମକୁ ଭଲ ପଇସା ମଧ୍ୟ ମିଳିଥିଲା, ଯେଉଁଥିରେ ମୁଁ ମୋ ପାଇଁ ଓଡ଼ିଶୀର ପୋଷାକ ଓ ଗହଣା କିଛି କିଣିଥିଲି। ତେବେ ୧୯୯୭ ମସିହାରେ କଲିକତାସ୍ଥିତ ଓଡ଼ିଶୀ ଭିଜନ୍ ଆଣ୍ଡ ମୁଭ୍‌ମେଣ୍ଟ ସେଣ୍ଟରରେ ଜଏନ୍ କରିବା ପାଇଁ ମୋତେ ଅଫର୍ ମିଳିଲା, ଯେଉଁଥିରେ ମୋତେ ମାତ୍ର ୧୫ ଦିନ କଲିକତାରେ ରହି ପିଲାଙ୍କୁ ଓଡ଼ିଶୀ ନୃତ୍ୟ ଶିଖାଇବାକୁ ପଡୁଥିଲା। ଆଉ ସେତିକି ଦିନ ପାଇଁ ମୋତେ ସେମାନେ ଆଠ ହଜାର ଟଙ୍କା ଦରମା ଦେଉଥିଲେ। ବାକି ୧୫ ଦିନ ମୁଁ ଭୁବନେଶ୍ୱର ଆସି ପୂର୍ବଭଳି ନିଜେ ପ୍ରାକ୍ଟିସ୍ କରିବା ସହ ପିଲାଙ୍କୁ ନୃତ୍ୟ ଶିକ୍ଷା ଦେଉଥିଲି, ତା'ସହିତ ଷ୍ଟେଜ୍ ପ୍ରୋଗ୍ରାମ୍ ବି କରୁଥିଲି। ୨୦୦୬ ପର୍ଯ୍ୟନ୍ତ ଏମିତି ଚାଲିଲା। ତା'ପରେ ସେ ଚାକିରି ଛାଡ଼ି ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟର ରିପୋର୍ଟର୍ ୟୁନିଟ୍‌ରେ ଟେକ୍‌ନିକାଲ୍ ଟିଚର୍ ଭାବେ ଜଏନ୍ କଲି। ଏଥିରେ ମୁଖ୍ୟତଃ ସଙ୍ଗୀତ ମହାବିଦ୍ୟାଳୟରୁ ପାସ୍ କରିଥିବା କେତେକ ଛାତ୍ରୀଛାତ୍ରଙ୍କୁ ପାରିଶ୍ରମିକ ଦେଇ ବିଭିନ୍ନ ସ୍ଥାନକୁ ନୃତ୍ୟ ପରିବେଷଣ କରିବାକୁ ପଠା ଯାଉଥିଲା। ଆଉ ମୋତେ ସେମାନଙ୍କର ଗାଇଡ୍ ଭାବେ ଦାୟିତ୍ୱ ତୁଲାଇବାକୁ ପଡୁଥିଲା। ମାତ୍ର ଦୁଇ ବର୍ଷ ଏହି ଦାୟିତ୍ୱରେ ରହିବା ପରେ ଉକ୍ତ ପ୍ରୋଗ୍ରାମ୍‌ଟି ମଧ୍ୟ ବନ୍ଦ ହୋଇଗଲା। ତା'ପରେ ମୁଁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ ନୃତ୍ୟର ଅଧ୍ୟାପକ ଭାବେ ଜଏନ୍ କଲି, ଯେଉଁଠାରେ ମୁଁ ଏବେ ବି କାର୍ଯ୍ୟରତ। ତେବେ ୟା'ଭିତରେ ମୁଁ ଓଡ଼ିଶୀରେ ଏମ୍.ଫିଲ୍ ସାରି ପିଏଚ୍.ଡି. ପାଇଁ ବି ପ୍ରସ୍ତୁତି ଆରମ୍ଭ କରିଦେଇଛି। ତା'ଛଡ଼ା ନିଜେ ଜଣେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ହିସାବରେ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କର ଯେମିତି ପ୍ରଶଂସା ସାଉଁଟି ପାରିଛି, ଠିକ୍ ସେମିତି ମୋଠାରୁ ନୃତ୍ୟ ଶିକ୍ଷା ଲାଭ କରି ମୋ ଛାତ୍ରୀଛାତ୍ରମାନେ ବି ବାହାରେ ବେଶ୍ ନାଁ କମାଇ ପାରିଛନ୍ତି, ଯାହା ମୋ ପାଇଁ ଖୁବ୍ ଗର୍ବର ବିଷୟ।

## ଫୁଲେଇ ଲାଜେଇ ଭାରି ସିଆଣି, ନିମିଷକେ ନେଲା ମନକୁ କିଣି

ସାଥୀ

**ପ୍ରଶ୍ନ**–ସେ ଭାରି ଫୁଲେଇ। ମୋ ମନକୁ ସେ କେମିତି ଚୋରି କରି ନେଲା ଜାଣିପାରୁନାହିଁ। ଏମିତି କେମିତି ହେଲା ?

*–ସୌଭାଗ୍ୟ ସାହୁ, ରାଉରକେଲାଉ*

**ଉତ୍ତର:** ପ୍ରେମରେ କେତେବେଳେ କ'ଣ ହୁଏ ତାହା ପୂର୍ବାନୁମାନ କରିବା କଷ୍ଟକର। ଯେତେବେଳେ ପ୍ରେମର ନିଶା ଫୁଲ୍ ଘାରେ ସେତେବେଳେ ସାରା ଦୁନିଆ ରଙ୍ଗୀନ ଦେଖାଯାଏ। ଏଇ ଯେମିତି କେତେବେଳେ ସେ ତରୁଣୀ ଆପଣଙ୍କ ମନକୁ ଚୋରି କରିନେଲା ତାହା ଜାଣିପାରିଲେ ନାହିଁ। 'ଫୁଲେଇ ଲାଜେଇ ଭାରି ସିଆଣି, ନିମିଷକେ ନେଲା ମନକୁ କିଣି।' ଯଦି ଆପଣଙ୍କ ମନ ଚୋରି ହୋଇଯାଇଛି ତାହାର କାରଣ ତର୍ଜମା କରିବା ଅପେକ୍ଷା ପାଣିପାଗକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ଯଦି ଏହା ପ୍ରେମ ପାଇଁ ଅନୁକୂଳ ଅଛି ତେବେ ଡେରି ନ କରି ଆଗକୁ ପାଦ ପକାନ୍ତୁ। ହେଲେ ପ୍ରେମ ନିଶାରେ ମସଗୁଲ୍ ହୋଇ ଯେମିତି ଆନମନା ନ ହୁଅନ୍ତି !

**ପ୍ରଶ୍ନ**–ମୋ ମନର ମଣିଷ କେବେ ଆସିବ ଜାଣିନି। ହେଲେ ସେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବି। ମୋର ଆଶା ପୂରଣ ହେବ ତ ?

*–ଏ.ପି., ବାରିପଦା, ମୟୂରଭଞ୍ଜ*

**ଉତ୍ତର:** ଏହାର ଉତ୍ତର ତ ସମୟ କହିବ। ହେଲେ ଯେଉଁ ମନର ମଣିଷକୁ ଆପଣ ଅପେକ୍ଷା କରିଛନ୍ତି, ଆପଣଙ୍କ ଉପରେ ତାଙ୍କର ଶତ ପ୍ରତିଶତ ଭରସା ରହିଛି ତ ? ଯଦି ହଁ, ତେବେ କିଛି ଅସୁବିଧା ନାହିଁ। ଯଦି ସପନରେ ଏସବୁ ଭାବୁଥାଆନ୍ତି ତେବେ ସେପରି ମାନସିକତାରୁ ପ୍ରଥମେ ନିଜକୁ ବାହାର କରନ୍ତୁ। ନ ହେଲେ ଏମିତି ସପନର ରଙ୍ଗୀନ ରାଇଜରେ ଘୁରି ବୁଲିବେ ସିନା ହେଲେ ସେଥିରୁ ଫଳ ମିଳିବା ଆଶା କମ୍। ଯଦି ମନର ମଣିଷଙ୍କୁ ଯୋଗାଯୋଗ କରିବାର କିଛି ଉପାୟ ଅଛି ତାହାକୁ ଉପଯୋଗ କରନ୍ତୁ। ସବୁ ଠିକ୍ ଠାକ୍ ଥିଲେ ଭେଟ୍‌ଭାଟ୍ ହେବା ଚାନ୍ସ ରହିଛି।

**ପ୍ରଶ୍ନ**–ଅନେକେ କହନ୍ତି, ପ୍ରେମ ଫାଶରେ ଥରେ ବାନ୍ଧି ହେଲେ ସେଥିରୁ ମୁକୁଳିବା ଭାରି କଷ୍ଟ। ଏହା ସତ କି ?

*–ଅମର କୁମାର ରାଉତ, ଢେଙ୍କାନାଳ*

**ଉତ୍ତର:** 'ପ୍ୟାର୍ କା ଲଡୁ ଯୋ ଖାୟା ପସ୍ତାୟା, ଯୋ ନେହିଁ ଖାୟା ଓ ଭି ପସ୍ତାୟା।' ପ୍ରେମର ନିଶା କେତେ ଗାଢ଼ ଯିଏ ସେ ଦୁନିଆରେ ପାଦ ଦେଇଛି ସେ ହିଁ ଜାଣିଛି। ପ୍ରେମ ନିଶାରୁ ମୁକୁଳିବା ତ କଷ୍ଟ। ହେଲେ ସାରା ଜୀବନ ଏହାର ମିଠା ସ୍ୱାଦକୁ ଅନୁଭବ କରିବାକୁ ହେଲେ ଉଭୟ ପ୍ରେମିକା-ପ୍ରେମିକ ମଧ୍ୟରେ ଥିବା ବିଶ୍ୱାସର ମୂଳଦୁଆ କଂକ୍ରିଟ୍ ପରି ଷ୍ଟ୍ରଙ୍ଗ ହେବା ଦରକାର। ଯଦି ମୂଳ ଢ଼ିଲା ରହିଲା ତେବେ ଏହି ପ୍ରେମର ନଅର କେତେବେଳେ ଭୁଷୁଡି ପଡିବ ତାହା ନିଜେ ମଧ୍ୟ ଜାଣିପାରିବେ ନାହିଁ।

**ପ୍ରଶ୍ନ**–ମୋ ପ୍ରେମିକା କଥାକଥାରେ ରାଗି ଯାଉଛି। ସେ ଏମିତି କାହିଁକି କରୁଛି ଜାଣିପାରୁନାହିଁ। କ'ଣ କରିବି ?

*–ଉତ୍ତମ, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କ ପ୍ରେମିକା ରାଗିବା ପଛରେ ସେମିତି କିଛି କାରଣ ଅଛି କି ? ଯଦି ହଁ ବୋଲି ଭାବୁଛନ୍ତି ତେବେ ତାହାକୁ ଶୀଘ୍ର ଖୋଜି ବାହାର କରି ତାହାର ସମାଧାନ କରନ୍ତୁ। ନ ହେଲେ ଏହାଦ୍ୱାରା ଆପଣଙ୍କ ପ୍ରେମ ପ୍ରଭାବିତ ହେବାର ଆଶଙ୍କା ରହିଛି। ଯଦି ସେ ମିଛି ମିଛିକା ରାଗୁଛି ତେବେ ଜାଣିନିଅନ୍ତୁ ଯେ ତାହାର ସେହି ରାଗିବା ଅନ୍ତରାଳରେ ପ୍ରେମର ଅସଲ ମଜା ଲୁଚି ରହିଛି।

**ପ୍ରଶ୍ନ**–ଆତୁରିଆ ପ୍ରେମ ଡେଞ୍ଜରସ କାହିଁକି ?

*–ପ୍ରଦୀପ ପୁହାଣ, ପୁରୀ*

**ଉତ୍ତର:** ଆପଣ ଯଦି ଜାଣୁଛନ୍ତି ଯେ ଆତୁରିଆ ପ୍ରେମ ଡେଞ୍ଜରସ, ତେବେ ସେପରି ରାସ୍ତାରେ ପାଦ ଦିଅନ୍ତୁ ନାହିଁ। କାରଣ କେତେ ବେଳେ ଆପଣଙ୍କ ପ୍ରେମ ବିରହ ନିଆଁରେ ଧୂଳିସାତ୍ ହୋଇଯିବ ତାହା ନିଜେ ଜାଣିପାରିବେ ନାହିଁ। ଆତୁରିଆ ପ୍ରେମ ସିନା କ୍ଷଣିକ ଆନନ୍ଦ ଦେଇଥାଏ, ହେଲେ ସେପରି ପ୍ରେମ କେବଳ ସ୍ୱାଦହୀନ ନୁହେଁ ରଙ୍ଗହୀନ ମଧ୍ୟ।



# ମନ୍ଦିର
# ପୁରୁଷଙ୍କୁ ପ୍ରବେଶ ମନା







ହିନ୍ଦୁଧର୍ମରେ ମନ୍ଦିରର ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏଠି ଭକ୍ତ ସହ ଭଗବାନ ହୁଅନ୍ତି ଏକାକାର। ଭଗବାନଙ୍କ ପାଇଁ ତ ସବୁ ଭକ୍ତ ସମାନ। ହେଲେ ଅନେକେ ଜାଣିଥିବେ କିଛି ମନ୍ଦିର ଅଛି, ଯେଉଁଠି ନାରୀଙ୍କ ପ୍ରବେଶ ନିଷେଧ ଥାଏ। ତେବେ ପୁରୁଷଙ୍କୁ ବି କିଛି ମନ୍ଦିରରେ ପ୍ରବେଶ ନିଷେଧ ଥାଏ ସେକଥା ଅନେକେ ଜାଣି ନ ଥିବେ। ଜାଣନ୍ତୁ ସେ ସମ୍ପର୍କରେ..





**ଦେବୀ କନ୍ୟାକୁମାରୀ ମନ୍ଦିର, କନ୍ୟାକୁମାରୀ–** ଭାରତର ଦକ୍ଷିଣ ଭାଗରେ ସ୍ଥିତ ଏହି ମନ୍ଦିର ବର୍ଷର କୌଣସି ଦିନ ପୁରୁଷଙ୍କ ପାଇଁ ଖୋଲା ନୁହେଁ। କେବଳ ତପସ୍ୱୀ ପୁରୁଷଙ୍କୁ ମନ୍ଦିରର ଗେଟ୍ ପର୍ଯ୍ୟନ୍ତ ଯିବାକୁ ଅନୁମତି ରହିଛି। ବିବାହିତ ପୁରୁଷ ତ ଏହାର ପରିସର ଭିତରକୁ ପ୍ରବେଶ କରିପାରିବେ ନାହିଁ। ଏହି ମନ୍ଦିରରେ କନ୍ୟା ମା' ଦେବୀ ଭଗବତୀ ଦୁର୍ଗାଙ୍କୁ ପୂଜା କରାଯାଏ। ୫୧ଟି ଶକ୍ତିପୀଠ ମଧ୍ୟରେ ଅନ୍ୟତମ ଏହି ମନ୍ଦିରରେ କେବଳ ମହିଳାମାନେ ମା'ଙ୍କୁ ପୂଜା କରିଥାନ୍ତି। ପୌରାଣିକ କଥାନୁସାରେ ମା' ଭଗବତୀ ଦୁର୍ଗା ମହାଦେବଙ୍କୁ ବିବାହ କରିବାର ବାଞ୍ଛା ନେଇ ସମୁଦ୍ର ମଝିର ଏହି ନିରୋଳା ସ୍ଥାନକୁ ଆସି ତପସ୍ୟା କରିଥିଲେ। ଖାସ୍ ସେଥିପାଇଁ ଏଠାରେ ବିବାହିତ ପୁରୁଷଙ୍କ ପ୍ରବେଶ ନିଷେଧ ବୋଲି କୁହାଯାଏ।

**କାମାକ୍ଷା ମନ୍ଦିର, ଆସାମ–** ଏହି ମନ୍ଦିର ଆସାମର ଗୁଆହାଟୀରେ ନୀଳାଚଳ ପାହାଡ଼ରେ ରହିଛି। ଏଠାରେ ପ୍ରତିବର୍ଷ ଅମ୍ବୁବାଚୀ ନାମକ ମେଳାର ଆୟୋଜନ ହୁଏ। ଏହି ସମୟରେ ମନ୍ଦିରର ଦ୍ୱାର ଚାରି ଦିନ ବନ୍ଦ ରହିଥାଏ। କାରଣ ଏହା ହେଉଛି ଦେବୀଙ୍କ ମାସିକ ଧର୍ମର ସମୟ। ସେଥିପାଇଁ ଏହି ସମୟରେ ମନ୍ଦିରକୁ ପୁରୁଷଙ୍କ ପ୍ରବେଶ ନିଷେଧ ଥାଏ। ପୂଜାପାଠ କିମ୍ବା ଅନ୍ୟ କାର୍ଯ୍ୟ ପାଇଁ କେବଳ ମହିଳା ଅବା ତପସ୍ୱୀ ପୁରୁଷଙ୍କୁ ମନ୍ଦିର ପରିସରରେ ପ୍ରବେଶ କରିବାକୁ ଅନୁମତି ଥାଏ।

**ବ୍ରହ୍ମା ମନ୍ଦିର, ରାଜସ୍ଥାନ–** ଏହି ମନ୍ଦିର ଭଗବାନ ବ୍ରହ୍ମାଙ୍କର କିଛି ଦୁର୍ଲଭ ମନ୍ଦିର ମଧ୍ୟରୁ ଅନ୍ୟତମ। ରାଜସ୍ଥାନ ପୁଷ୍କରରେ ଥିବା ଏହି ପ୍ରସିଦ୍ଧ ମନ୍ଦିରରେ ଜଣେ ଦେବତାଙ୍କୁ ପୂଜା କରାଯାଉଥିଲେ ହେଁ, ବିବାହିତ ପୁରୁଷ ଗର୍ଭଗୃହରେ ବ୍ରହ୍ମାଙ୍କ ପୂଜା କରିପାରିବେ ନାହିଁ। କେବଳ ସନ୍ନ୍ୟାସୀ ହିଁ ବ୍ରହ୍ମାଙ୍କର ପୂଜା କରିପାରିବେ। ଧାର୍ମିକ ମାନ୍ୟତା ଅନୁସାରେ ଭଗବାନ ବ୍ରହ୍ମା ଓ ତାଙ୍କ ପତ୍ନୀ ତଥା ମା' ସରସ୍ୱତୀ ଏକ ଯଜ୍ଞର ଆୟୋଜନ କରିଥାନ୍ତି। କିନ୍ତୁ ମା' ସରସ୍ୱତୀ ଟିକେ ବିଳମ୍ବରେ ପହଞ୍ଚିବାରୁ ଦେବୀ ଗାୟତ୍ରୀଙ୍କୁ ନେଇ ବ୍ରହ୍ମା ସେହି ଯଜ୍ଞ ସମ୍ପନ୍ନ କରିଦେଲେ। ଏଥିରେ ମା' ସରସ୍ୱତୀ କ୍ରୋଧିତ ହୋଇ ଅଭିଶାପ ଦେଲେ ଯେ, ଆଜିଠାରୁ କୌଣସି ପୁରୁଷ ଭକ୍ତ ଏହି ମନ୍ଦିରକୁ ଆସିବେନି। ଯଦି କୌଣସି ପୁରୁଷ ଏଠାକୁ ଆସନ୍ତି ତେବେ ତାଙ୍କ ବୈବାହିକ ଜୀବନ ଦୁଃଖରେ ଭରିଯିବ।

**ସାବିତ୍ରୀ ମନ୍ଦିର, ରାଜସ୍ଥାନ–** ଏହି ମନ୍ଦିର ରତ୍ନଗିରି ପାହାଡ ଉପରେ ବ୍ରହ୍ମା ମନ୍ଦିର ପଛଭାଗରେ ଅଛି। ଉକ୍ତ ମନ୍ଦିରରେ ପୂଜା ପାଆନ୍ତି ବ୍ରହ୍ମାଙ୍କ ପତ୍ନୀ ସାବିତ୍ରୀ(ସରସ୍ୱତୀ)। ପୌରାଣିକ କଥାନୁସାରେ ବ୍ରହ୍ମା ଯେବେ ଦ୍ୱିତୀୟ ବିବାହ କଲେ ମା' ସାବିତ୍ରୀ ତାଙ୍କୁ ଅଭିଶାପ ଦେବା ସହ ରତ୍ନଗିରି ପାହାଡ଼ର ଏହି ସ୍ଥାନକୁ ଆସି ରହିବାକୁ ଲାଗିଲେ। ସେବେଠାରୁ ମା' ଏହି ସ୍ଥାନରେ ପୂଜା ପାଇଆସୁଛନ୍ତି। ଆଉ ଉକ୍ତ ମନ୍ଦିରକୁ ପୁରୁଷଙ୍କ ପ୍ରବେଶ ନିଷେଧ ରହିଛି।

**ମାତା ମନ୍ଦିର, ମୁଜାଫର ନଗର–** ଏହି ମନ୍ଦିରରେ ଦୁର୍ଗା ମା'ଙ୍କ ମାସିକ ଧର୍ମ ସମୟରେ ପୁରୁଷଙ୍କ ପ୍ରବେଶ ନିଷେଧ ଥାଏ। କେବଳ ମହିଳାମାନେ ଏହି ସମୟରେ ମନ୍ଦିରରେ ପ୍ରବେଶ କରନ୍ତି। ଏମିତିକି ମନ୍ଦିରର ପୂଜାରୀ ବି ଏହି ସମୟରେ ମନ୍ଦିରରେ ପ୍ରବେଶ କରିପାରିବେ ନାହିଁ। ମନ୍ଦିରରେ ପୂଜା ଓ ଆଳତି ମହିଳା କରନ୍ତି।

**ଅଟୁକଲ ଭଗବତୀ ମନ୍ଦିର, କେରଳ–** କେରଳ ଥିରୁଭାନନ୍ତପୁରମ୍‌ର ଅଟୁକଲ ଭଗବତୀ ମନ୍ଦିରରେ ମା' ଭଦ୍ରକାଳୀ(କନ୍ନକି) ଦେବୀଙ୍କୁ ପୂଜା କରାଯାଏ। ଏହି ମନ୍ଦିରର ପ୍ରମୁଖ ପର୍ବ ହେଉଛି ଅଟୁକଲ ପୋଙ୍ଗଲ। ଉକ୍ତ ଉତ୍ସବ ପ୍ରତିବର୍ଷ ଫେବୃୟାରୀରୁ ମାର୍ଚ୍ଚ ମାସ ଭିତରେ ପଡ଼େ। ୧୦ ଦିନ ବ୍ୟାପୀ ପାଳିତ ହେଉଥିବା ଏହି ଉତ୍ସବରେ ମହିଳା ଭକ୍ତଙ୍କ ପ୍ରବଳ ଭିଡ଼ ହୁଏ। ଅନ୍ୟକୌଣସି ଧାର୍ମିକସ୍ଥଳ ଅପେକ୍ଷା ଏଠାରେ ମହିଳା ଭକ୍ତଙ୍କର ଏତେ ଭିଡ଼ ହୁଏ ଯେ, ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ଏହାର ନାମ ସ୍ଥାନ ପାଇଛି। ଉତ୍ସବ ବେଳେ ୩ ମିଲିୟନରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାଗମ ହୁଏ। ହେଲେ ପୁରୁଷ ଭକ୍ତଙ୍କୁ ଏଥିରେ ଯୋଗଦେବା ନିଷେଧ ଥାଏ।

**ଛକୁଲାଥୁକାଭୁ ମନ୍ଦିର–** ମା' ଭଗବତୀ ପୂଜା ପାଉଥିବା କେରଳର ଏହି ମନ୍ଦିରରେ 'ନାରୀ ପୂଜା' ନାମକ ଏକ ପର୍ବ ପାଳନ ହୁଏ। ଏହି ଅବସରରେ କେବଳ ମହିଳାମାନେ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଥାଏ। ଆଉ ପୁରୁଷ ପୁରୋହିତ ସେମାନଙ୍କର ପାଦ ଧୋଇବା ପ୍ରଥା ବି ରହିଛି।





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ନିକିତା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ବଢ଼ିଆ

ବସ୍‌ଷ୍ଟପ୍‌ରେ ଯୁବକ ଯୁବତୀଙ୍କୁ- ବହୁତ ବଢିଆ ଲିପ୍‌ଷ୍ଟିକ ଲଗେଇଛ।

ଯୁବତୀ-ଥ୍ୟାଙ୍କସ୍।

ଯୁବକ-ଇୟରିଂ ବି ବହୁତ ଭଲ ହୋଇଛି।

ଯୁବତୀ- ଥ୍ୟାଙ୍କସ୍।

ଯୁବକ-ନେକ୍‌ଲେସ୍ ଓ ହେୟାର୍‌ଷ୍ଟାଇଲ୍ ବି ବହୁତ ଭଲ ଲାଗୁଛି।

ଯୁବତୀ- ଥ୍ୟାଙ୍କସ୍ ଭାଇ କେତେ ଆଉ ପ୍ରଶଂସା କରିବ।

ଯୁବକ- ତଥାପି ତମେ କାହିଁକି ଚୁଡେଲ୍ ଭଳି ଦେଖାଯାଉଛ ବୁଝିପାରୁନି।

### ୫ ଟଙ୍କା

ମଣ୍ଟୁ ଏକ ୫ ଟଙ୍କିଆ କଏନ୍ ଦେଖୁଥାଏ।

ରାଜୁ- ଏ କଏନ୍‌କୁ ଏମିତି ମନ ଲଗେଇ କ'ଣ ଦେଖୁଛୁ ? ଏଥିରେ କ'ଣ ଅଛି।

ମଣ୍ଟୁ- ଏଥିରେ ଏକ ଦୁଃଖଭରା କାହାଣୀ ଅଛି। ଆଜି ମୁଁ ଏକ ଲାଲ ଗୋଲାପ ଖୁବ୍ ସାହସର ସହ ନେଇ ମୋ ପ୍ରେମିକା ଘରକୁ ଯାଇଥିଲି ତାକୁ ଦେଇ ପଚାରିବାକୁ କି, 'ତୁମେ ମତେ ତୁମ ହୃଦୟ ଦେବ କି ?'

ରାଜୁ- ଓଃ, ତା'ପରେ କ'ଣ ହେଲା ?

ମଣ୍ଟୁ- ବେଲ୍ ମାରିବାରୁ ତା' ମା' କବାଟ ଖୋଲିଲେ। ଆଉ ଏଇ ଗୋଲାପକୁ ତାଙ୍କୁ ଦେଇ ମୁଁ କହିଲି, 'ମାଉସୀ ଏ ଗୋଲାପ ୫ ଟଙ୍କାରେ ନେବେ କି ?'

### ନୂଆ ଫୋନ୍

ପପୁ ଗୋପାଳକୁ- ତୁ ଏ ନୂଆ ମୋବାଇଲ୍ କେବେ କିଣିଲୁ ?

ଗୋପାଳ- କିଣିନି। ଉଠେଇକି ନେଇ ଆସିଛି।

ପପୁ- ମାନେ ?

ଗୋପାଳ- ମୋ ଗର୍ଲଫ୍ରେଣ୍ଡ ମତେ ସବୁବେଳେ କହେ, ତମେ କେବେ ବି ମୋ ଫୋନ୍ ଉଠଉନ। ଆଜି ମତେ ମଉକା ମିଳିଲା। ଆଉ ମୁଁ ତା' ଫୋନ୍ ଚୁପ୍ କିନା ଉଠେଇକି ନେଇ ଆସିଲି।

# ଝରଣାର ଗନ୍ତାଘର ଅଥିରାପ୍ପିଲ୍ଲୀ




**କେରଳର ତ୍ରିଶୂର ଜିଲାରେ ଥିବା ଅଥିରାପ୍ପିଲ୍ଲୀରେ ଅନେକ ପାହାଡ଼, ଝରଣା ଆଦି ଦେଖିବାକୁ ମିଳିଥାଏ। ସେଥିପାଇଁ ଏହାକୁ କେହି କେହି ଝରଣାର ଗନ୍ତାଘର ବୋଲି ମଧ୍ୟ କହିଥାନ୍ତି। ତେବେ ପ୍ରାକୃତିକ ପରିବେଶରେ ଭରା ଏହି ସ୍ଥାନରେ ଟ୍ରେକିଂ ତଥା ଫିଶିଂ ପାଇଁ ବି ଅନେକ ସୁବିଧା ରହିଛି...**

କେରଳର ତ୍ରିଶୂର ଜିଲା ଅନ୍ତର୍ଗତ ଚଲାକୁଡ଼ି ତାଲୁକାରେ ରହିଛି ଅଥିରାପ୍ପିଲ୍ଲୀ ନାମକ ଏକ ସ୍ଥାନ, ଯାହା ତ୍ରିଶୂରଠାରୁ ପ୍ରାୟ ୬୦ କି.ମି. ଓ କୋଚିଠାରୁ ପ୍ରାୟ ୭୦ କି.ମି ଦୂରରେ ଅବସ୍ଥିତ। ତେବେ ଏହି ସ୍ଥାନଟି ନିଜର ଜୈବବିବିଧତା ପାଇଁ ବେଶ୍ ସମୃଦ୍ଧି ଲାଭ କରିପାରିଛି। ତା'ଛଡ଼ା ଏଠାରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ବହୁ ଉଚ୍ଚ ଉଚ୍ଚ ପାହାଡ଼, ଏକାଧିକ ଝରଣା ତଥା ଅନେକ ଧାର୍ମିକ ପୀଠ। ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଏହି ସ୍ଥାନରେ ନିରୋଳାରେ କିଛି ସମୟ ବିତାଇବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

### କେବେ ଓ କେମିତି ଯିବେ

ଅଥିରାପ୍ପିଲ୍ଲୀକୁ ବର୍ଷର ଯେ କୌଣସି ସମୟରେ ବୁଲି ଯାଇହେବ। କାରଣ ଏଠାକାର ପାଣିପାଗ ବର୍ଷସାରା ବୁଲାବୁଲି କରିବା ପାଇଁ ବେଶ୍ ଅନୁକୂଳ ରହିଥାଏ। ତେବେ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନେ ତଥା ଶୀତଦିନେ ଅଥିରାପ୍ପିଲ୍ଲୀକୁ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଯାଏ। କାରଣ ଯେହେତୁ ଏଠାରେ ଏକାଧିକ ଝରଣା ଦେଖିବାକୁ ମିଳେ, ତେଣୁ ବର୍ଷାଦିନ ହେଲେ ଉକ୍ତ ଝରଣାରେ ଜଳର ସ୍ରୋତ ଖୁବ୍ ବଢ଼ିଯାଏ, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗେ। ସେହିପରି ଶୀତଦିନେ ଏହି ଝରଣା ନିକଟରେ ପିକ୍‌ନିକ୍ କରିବାର ମଜା ବେଶ୍ ନିଆରା ଲାଗିଥାଏ। ତେବେ ଅଥିରାପ୍ପିଲ୍ଲୀକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। କୋଚିନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ଅଥିରାପ୍ପିଲ୍ଲୀଠାରୁ ପ୍ରାୟ ୫୫ କି.ମି. ଦୂରରେ ଅବସ୍ଥିତ। ସେହିପରି ଏଠାକୁ ରେଳପଥ ତଥା ସଡ଼କପଥରେ ଯିବାର ମଧ୍ୟ ସୁବ୍ୟବସ୍ଥା ରହିଛି।







### କ'ଣ ଦେଖିବେ

**ଝରଣା ଗନ୍ତାଘର:** ଅଥିରାପ୍ପିଲ୍ଲୀରେ ଏକାଧିକ ଝରଣା ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଅଥିରାପ୍ପିଲ୍ଲୀ ଝରଣା ହେଉଛି ବେଶ୍ ଲୋକପ୍ରିୟ। ସମୁଦ୍ରପତ୍ତନଠାରୁ ପ୍ରାୟ ୧୦୦୦ ଫୁଟ୍ ଉଚ୍ଚତାରେ ଥିବା ଏହି ଝରଣାଟିର ଆକର୍ଷଣୀୟ ରୂପରେଖ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେହିପରି ଭାଜହାଚଲ୍ ନାମରେ ଆଉ ଏକ ଝରଣା ମଧ୍ୟ ଏଠାକାର ଅନ୍ୟତମ ଆକର୍ଷଣ ସାଜିଥାଏ। କେବଳ ସେତିକି ନୁହେଁ, ଅନେକ ଛୋଟ ଛୋଟ ଝରଣା ଏଠାକାର ପାହାଡ଼ରୁ ଝରି ଆସି ସ୍ଥାନୀୟ ଅଞ୍ଚଳକୁ ବେଶ୍ ମନୋରମ କରିଦେଇଥାଏ।

**ଜଙ୍ଗଲ ସଫାରିର ମଜା ନିଆରା ଲାଗେ:** ଅଥିରାପ୍ପିଲ୍ଲୀରେ ପାହାଡ଼ ପରିବେଷ୍ଟିତ ଜଙ୍ଗଲରେ ବୁଲିବାର ମଜା ବି ବେଶ୍ ନିଆରା ଲାଗିଥାଏ। ଏହା ମଧ୍ୟକୁ ପର୍ଯ୍ୟଟକ ବାଇକ୍ ହେଉ ଅବା ଜିପ୍ ସଫାରିରେ ଯାଇ ଅନେକ ଅନୁଭୂତି ସାଉଁଟିବା ସହ ବନ୍ୟ ଜୀବଜନ୍ତୁ ତଥା ବହୁ ଔଷଧୀୟ ବୃକ୍ଷ ଦେଖିବାର ସୁଯୋଗ ପାଇପାରିବେ।

**ଜଙ୍ଗଲଜାତ ଦ୍ରବ୍ୟର ଚାହିଦା:** ଏଠାକାର ଜଙ୍ଗଲରେ ଅନେକ ଔଷଧୀୟ ବୃକ୍ଷ ଦେଖିବାକୁ ମିଳିଥାଏ, ଯାହାର ଚାହିଦା ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଖୁବ୍ ରହିଥାଏ। ତା'ଛଡ଼ା ସୂଚନାନୁଯାୟୀ, ଏଠାରେ ମହୁ, ସାଗୁ, ଅଳେଇଚ ତଥା ଅଦା ଭଲ ଚାଷ କରାଯାଇଥାଏ।

**ଧାର୍ମିକ ପୀଠ:** ଅଥିରାପ୍ପିଲ୍ଲୀରେ ପର୍ଯ୍ୟଟକ ଅନେକ ଧାର୍ମିକ ପୀଠ ମଧ୍ୟ ବୁଲି ଆନନ୍ଦ ଲଭିପାରିବେ।


### ଟ୍ରେକିଂ ଓ ଫିଶିଂର ମଜା ନିଆରା

ଅଥିରାପ୍ପିଲ୍ଲୀରେ ଟ୍ରେକିଂ ଓ ଫିଶିଂ ପାଇଁ ବି ଅନେକ ସୁବିଧା ରହିଛି। ଏହା ପର୍ଯ୍ୟଟକଙ୍କ ମନକୁ ହାଲୁକା କରିବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଖାସ୍ ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।












# ବତକର କୁଲ୍ ହେୟାରଷ୍ଟାଇଲ

ପେନ୍‌ସିଲଭାନିଆର ହୋଲି ମିଡ୍‌ଙ୍କୁ ବତକ ବହୁତ ଭଲ ଲାଗେ। ତେଣୁ ସେ ଅନେକ ବତକ ପୋଷିଛନ୍ତି। ତେବେ ସେହି ବତକଗୁଡ଼ିକ ମଧ୍ୟରୁ ଗୋଟିଏ ବତକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ। ତା'ର ନାମ ହେଉଛି ଗରଟ୍ରୁଡ। ବତକଟି ଦେଖିବାକୁ ବେଶ୍ ସୁନ୍ଦର। ତା' ମୁଣ୍ଡରେ ଥିବା ଆକର୍ଷକ ଚୁଳ ତାକୁ ସମସ୍ତଙ୍କଠୁ ଭିନ୍ନ କରେ। ଲାଗେ ସତେ ଯେମିତି ସେଲୁନ୍ ଯାଇ ସୁନ୍ଦର ହେୟାର୍ ଷ୍ଟାଇଲ୍ କରେଇ ଆସିଛି ବତକଟି। ଏହି ଆକର୍ଷକ ଲୁକ୍ ପାଇଁ ଅନେକ ମାଗାଜିନ୍‌ରେ ତା'ର ଫଟୋ ସ୍ଥାନ ପାଇଛି। ବିଭିନ୍ନ ବିଜ୍ଞାପନରେ କାମ କରିବାର ସୁଯୋଗ ବି ପାଇଛି। ଗରଟ୍ରୁଡ୍‌ର ଏକ ଫଟୋ ଭାଇରାଲ ହେବା ପରେ ସେ ସେଲିବ୍ରିଟି ପାଲଟି ଯାଇଥିଲା। ଅନେକ ବିଜ୍ଞାପନର ଅଫର୍ ଆସିଥିଲା। ତେଣୁ ଗରଟ୍ରୁଡ୍‌କୁ ଆଉ ଟିକେ ଷ୍ଟାଇଲିଶ୍ ଲୁକ୍ ଦେଉଛନ୍ତି ମାଲିକାଣୀ ହୋଲି। ତାକୁ ଡାଇପର୍ ପିନ୍ଧାଇବା ସହ ଷ୍ଟାଇଲିଶ ପୋଷାକ ବି ପିନ୍ଧାଉଛନ୍ତି। ଗରଟ୍ରୁଡ୍ ବହୁତ ମେଳାପୀ ସ୍ୱଭାବର। ତେଣୁ ସେ ଏକ ଇମୋଶନାଲ ସପୋର୍ଟ ଆନିମଲ୍ ଭାବେ ମଧ୍ୟ କାମ କରେ ଓ ବିଭିନ୍ନ ନର୍ସିଂ ହୋମ୍ ଯାଇ ରୋଗୀଙ୍କ ମନରୁ ମାନସିକ ଅବସାଦ ଦୂର କରିବାରେ ସାହାଯ୍ୟ କରିଥାଏ।

## କାର୍ଟୁନ କର୍ନର




# କାଳିଆ ସେବାରେ ପରିବାର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାକୁ ନେଇ ସ୍ୱତନ୍ତ୍ର ପ୍ରଥା, ପରମ୍ପରା ରହିଛି । ଏଥିପାଇଁ ସେବାକାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି ସେବକ ଓ ଭକ୍ତଗଣ । ତେବେ ବର୍ଷର ଅନ୍ୟ ଦିନ ଅପେକ୍ଷା ରଥଯାତ୍ରାରେ ଶ୍ରୀଜୀଉଙ୍କ ଦର୍ଶନ ସହିତ ମହାପ୍ରଭୁଙ୍କ ସେବାକାର୍ଯ୍ୟରେ ନିୟୋଜିତ ଲାଗି ଭକ୍ତଙ୍କ ମନରେ ରହିଥାଏ ଅନେକ ଆଶା ଓ ଉତ୍କଣ୍ଠା । ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବଡ଼ ବିଚିତ୍ର । ଭକ୍ତଙ୍କ ଲାଗି ସର୍ବଦା ତାଙ୍କ ମନ ଆନ୍ଦୋଳିତ ହୋଇଥାଏ । ସେ ବୁଝିପାରନ୍ତି ଭକ୍ତଙ୍କ ମନର କଥାକୁ । ଯେପରି ଦିନେ ଭକ୍ତ ଦାସିଆ ବାଉରି ପଠେଇଥିବା ଶ୍ରୀଫଳକୁ ଶୂନ୍ୟରେ ଭୁଜ ବଢାଇ ନେଇଥିଲେ କାଳିଆସାଆନ୍ତ, ପୁଣି ବନ୍ଧୁ ମହାନ୍ତିଙ୍କ ପାଇଁ ବନ୍ଧୁ ହୋଇ ବଢ଼େଇଥିଲେ ମହାପ୍ରସାଦ । ଏମିତି ଅନେକକଥା ରହିଛି ଯୁଗଯୁଗରୁ । ହେଲେ କାଳିଆ ଠାକୁରଙ୍କ ମହିମା ଅବର୍ଣ୍ଣନୀୟ । ସେମିତି ଦିନେ ରଥଯାତ୍ରା ଦେଖୁଥିବା ଜଣେ ଭକ୍ତ ବଡ଼ଦାଣ୍ଡରେ ଠିଆହୋଇ ମହାପ୍ରଭୁଙ୍କୁ ଗୁହାରିକରି ନିଜମନର କଥାଟିକୁ ଜଣାଇଥିଲେ । ଆଉ ତା' ପର ଠାରୁ ପ୍ରତିବର୍ଷ ରଥଯାତ୍ରାକୁ ସେ ଯୋଗାଇ ଆସୁଛନ୍ତି ସୋଲର ସେବତୀ ଓ କଦମ୍ବ ଫୁଲ । ଏମିତିରେ ଦୀର୍ଘ ୨୧ବର୍ଷଧରି ମହାପ୍ରଭୁଙ୍କ ରଥଯାତ୍ରାରେ ଲାଗୁଛି ତାଙ୍କ ହାତ ତିଆରି ସୋଲଫୁଲ ।

ଖୋର୍ଦ୍ଧାଜିଲା ସଦର ମହକୁମାସ୍ଥିତ ଗୁରୁଜଙ୍ଗ ଭୋଇସାହିର ବୀରକିଶୋର ନାୟକ, ଧନେଶ୍ୱର ନାୟକ, ଗଣେଶ୍ୱର ନାୟକ ଓ ସୋମନାଥ ନାୟକ । ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ବୀରକିଶୋର ନାୟକ କୁହନ୍ତି –ଆଜକୁ ପ୍ରାୟ୨୨ବର୍ଷ ତଳରକଥା । ଥରେ ରଥଯାତ୍ରା ଦେଖିବାକୁ ପୁରୀକୁ ଯାଇଥିଲି । ସେତେବେଳେ ବଡ଼ଦାଣ୍ଡରେ ରଥକୁ ଦେଖି ମୋର ମନେହେଲା ଆମ ଗାଁରେ ଯେପରି ଧବଳେଶ୍ୱରଙ୍କ ପୀଠକୁ ସୋଲଫୁଲ ଯୋଗାଉଛି ଯଦି ସେହିପରି ମହାପ୍ରଭୁ କାଳିଆସାଆନ୍ତଙ୍କ ସେବାରେ ସୋଲଫୁଲ ଲାଗି ହୋଇପାରନ୍ତା ତେବେ ବହୁତ ଖୁସି ହୁଅନ୍ତି, ମନୋବାଞ୍ଛା ପୂରଣ ହୁଅନ୍ତା । ସେଦିନ ରଥଯାତ୍ରା ଦେଖି ଏମିତି କଥାକୁ ମନେରଖି ତା' ପର ବର୍ଷ ରଥଯାତ୍ରାର ୩ ଦିନ ପୂର୍ବରୁ ପୁରୀକୁ ଯାଇଥିଲି । ରଥଖଳାରେ ରଥକାମ ଚାଲିଥାଏ । ସେଠାରେ ଜଣେ ବୃଦ୍ଧଙ୍କୁ ଦେଖାହୋଇ ମୋ ମନରକଥା ଜଣାଇଥିଲି । ସେ କହିଲେ ତୁ ସେହି ଫୁଲ ଧରିକି ଆସେ । ତା'ପର ଦିନ ସାଥିରେ ସୋଲଫୁଲ ଧରି ଯାଇ ପହଞ୍ଚିଥିଲି ବଡ଼ଦାଣ୍ଡର ରଥଖଳାରେ । ମାତ୍ର ପୂର୍ବରୁ ଦେଖା ହୋଇଥିବା ସେହି ବୃଦ୍ଧ ବ୍ୟକ୍ତିଙ୍କୁ ଖୋଜି ପାଇଲି ନାହିଁ । ମନରେ ପ୍ରବଳ ଉତ୍କଣ୍ଠା । କିନ୍ତୁ ସେଦିନ ମନଦୁଃଖକରି ସେଠାରୁ ଫେରିଆସି ପୁରୀରେ ଜଣେ କୁଣିଆଙ୍କ ଘରେ ରହିଲି । ଖିଆପିଆ ଭୁଲିଗଲି । ରାତିରେ ଭଲ ନିଦ ଲାଗିଲାନାହିଁ । ଯେମିତି ସକାଳ ହେଲା ପୁଣି ଯାଇ ପହଞ୍ଚିଲି ରଥଖଳାରେ । ଆଉଥରେ ଖୋଜିଲି ସେହି ବୃଦ୍ଧଙ୍କୁ ହେଲେ ତାଙ୍କର କେହି କିଛି ଠିକଣା ଦେଲେନି । ବହୁସମୟ ଅପେକ୍ଷା ପରେ ସେଠାରେ ଜଣେ ବ୍ୟକ୍ତି କହିଲେ, ତମେ ଏବେ ରାଘବ ମଠକୁ ଯାଇ ବୁଝ । ତା ପରେ ତାଙ୍କ କଥା ମାନି ରାଘବମଠକୁ ଯାଇ ସୋଲଫୁଲ ଦେବାକଥା କହିଲି, କିନ୍ତୁ ସେମାନେ ମୋଠାରୁ ଫୁଲ ନେବାକୁ ମନାକଲେ । ଆଉ କହିଲେ ଯଦି କିଛି ଟଙ୍କାଦେବ ତେବେ ଫୁଲକୁ ସେବାରେ ଲଗାଇ ପାରିବୁ ନ ହେଲେ ଫେରିଯାଅ । ଏମିତି ପରିସ୍ଥିତି ଯୋଗୁ ମନରେ ଦୁଃଖ ଆସିଲା । ସେଠାରୁ ଫେରିଆସିଲି । ଆଉ ମନେମନେ ଚିନ୍ତାକଲି ଠାକୁର ତ କିଛି ଶୁଣିଲେ ନାହିଁ । ଏତେ ପରିଶ୍ରମକରି ଗାଁରୁ ଆଣିଥିବା ସୋଲଫୁଲକୁ କ'ଣ ଫେରାଇ ନେବି ? କାଲି ଗାଁକୁ ଫେରିଲାବେଳେ ବାଟରେ କେଉଁ ଏକ ନାଳରେ ଫିଙ୍ଗିଦେବି ବୋଲି ମନସ୍ଥ କରିଥିଲି । ହେଲେ ସେଦିନ ରାତିରେ ପୁଣି କୁଣିଆଘରେ ରହିଲି । ରାତିରେ ଠାକୁରଙ୍କ ଏକ ସ୍ୱପ୍ନ ଦେଖିଲି । ତା'ପରଦିନ ସକାଳୁ ପୁଣି ଯାଇ ପହଞ୍ଚିଥିଲି ରଥଖଳାରେ । ଦୈବାତ ସେହି ବୃଦ୍ଧଙ୍କୁ ଏଥର ଦେଖାମିଳିଲା । ସେ ମୋତେ ପୁରୀ ଶ୍ରୀମନ୍ଦିର ପ୍ରଶାସକଙ୍କ ନିକଟରେ ପହଞ୍ଚାଇ ଦେଲେ । ଶ୍ରୀମନ୍ଦିର ପ୍ରଶାସକଙ୍କ କଥା ଅନୁସାରେ ସୋଲଫୁଲ ନେଇ ମହାପ୍ରଭୁଙ୍କ ରଥରେ ସଜାଇଥିଲି । ମାତ୍ର ସେହି ବୃଦ୍ଧଙ୍କୁ ସେଠାରେ ଆଉ ପାଇନଥିଲି । ତାପର ଦିନ ରଥଯାତ୍ରାରେ ଠାକୁରଙ୍କ ଦର୍ଶନ ଓ ରଥରେ ସୋଲଫୁଲ ସଜାଇଥିବାରୁ ନିଜକୁ ଧନ୍ୟ ମନେକଲି । ସେବେଠାରୁ ପ୍ରତିବର୍ଷ ରଥପାଇଁ ସୋଲଫୁଲ ଯୋଗାଇଆସୁଛୁ । ଏଥିପାଇଁ ଆମ ପରିବାରର ୭/୮ଜଣ ସଦସ୍ୟ ଏହି ଫୁଲ ତିଆରି କରିଥାଉ । କାର୍ତ୍ତିକ ମାସରେ ସୋଲ ସଂଗ୍ରହ ପାଇଁ ନିମାପଡ଼ା, କାକଟପୁର, ବଳଙ୍ଗା ଓ ବାଙ୍କି ଆଦି ଅଞ୍ଚଳରୁ ଯିବାକୁ ପଡ଼ିଥାଏ । କାହାରିକୁ ଶୋଲ ସଂଗ୍ରହ ନିମନ୍ତେ କିଛିଟଙ୍କା ଦେବାକୁ ପଡ଼ିଥାଏ । ସଂଗ୍ରହ କରାଯାଇଥିବା ସୋଲକୁ କିଛିଦିନ ଖରାରେ ସୁଖାଇଥାଉ । ତା'ପରେ ଯେବେ ରଥକାମ ଆରମ୍ଭ ହୁଏ ସେହି ସମୟରେ







ଆମେ ମଧ୍ୟ ଆମଘରେ ନିଷ୍ଠାର ସହିତ ଅରୁଆ ଖାଇ ଶୁଦ୍ଧପୁତ ଭାବେ ନୂଆବସ୍ତ୍ର ପରିଧାନକରି ଛୁରିପୂଜାକରି ସୋଲକୁ ସାଇଜକରି ସେବତୀ ଓ କଦମ୍ବଫୁଲ ତିଆରି କରିଥାଉ । ଫୁଲ କାମ ସରିଲାପରେ ନେତ୍ରଉତ୍ସବ ଦିନ ସେବତୀ ଓ କଦମ୍ବଫୁଲକୁ ନେଇ ରଥରେ ସଜେଇଥାଉ । ଏମିତି ସେବା ଆଜିଯାଏ କରିଆସୁଛୁ । ଚଳିତବର୍ଷ ରଥ ପାଇଁ ମଧ୍ୟ ସୋଲର କଦମ୍ବ ଓ ସେବତୀଫୁଲ ତିଆରି ସରିଛି । ଏଥିପାଇଁ କାହାରିଠାରୁ କେବେ କିଛି ଅର୍ଥ ଗ୍ରହଣ କରିନାହୁଁ । ଆମ ସାଧ୍ୟମତେ ନିଜସ୍ୱ ଖର୍ଚ୍ଚରେ ମହାପ୍ରଭୁଙ୍କ ରଥରେ ସୋଲଫୁଲ ସଜେଇ ସେବା କରି ଆନନ୍ଦ ପାଇବା ସହ ନିଜକୁ ଧନ୍ୟ ମନେକରୁଛୁ ।

**–ବନବିହାରୀ ବେହେରା, ଫଟୋ:ଲୋକନାଥ ମିଶ୍ର**

ବ୍ୟାକ୍ ପେଜ୍





# ଟିଥ୍ ପଲିଶ୍

ସବୁବେଳେ ମୋତିଭଳି ଧଳା ଦାନ୍ତ ଦେଖି ଦେଖି ବୋର୍ ହୋଇଗଲେଣି କି? ଆଉ ଦାନ୍ତକୁ ନିଜ ଅଙ୍ଗୁଳିର ନେଲ୍ ପଲିଶ ଅବା ପୋଷାକର ରଙ୍ଗ ସହ ମ୍ୟାଚ କରିବାକୁ ଚାହୁଁଛନ୍ତି? ହେଲେ ଭାବୁଥିବେ ଏମିତି କ'ଣ ସମ୍ଭବ। ଜାଣି ଆଶ୍ଚର୍ଯ୍ୟ ହେବେ ଏହା ଏବେ ସମ୍ଭବ। କାରଣ କ୍ରୋମ୍ ନାମକ ଏକ ବ୍ରାଣ୍ଡ ତିଆରି କରିଛି ଟିଥ୍ ପଲିଶ। ଏହା ୧୦ଟି ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ। ନେଲ ପଲିଶ ପରି ଏହାକୁ ଦାନ୍ତରେ ଲଗାଇ ଦାନ୍ତର ରଙ୍ଗକୁ ବଦଳାଇ ନିଜର ପୋଷାକ ସହ ମ୍ୟାଚ୍ କରି ଏକ ନୂଆ ଲୁକ୍ ପାଇପାରିବେ। ଏହି ରଙ୍ଗ ସ୍ଥାୟୀ ନୁହେଁ। ୨୪ ଘଣ୍ଟା ପରେ ଏହା ଛାଡିଯାଏ। ସାଧାରଣ ଟୁଥ୍‌ପେଷ୍ଟରେ ଦାନ୍ତ ଘସିଦେଲେ ବି ଏହା ଛାଡିଯାଏ। ଏହା ଶତପ୍ରତିଶତ ସୁରକ୍ଷିତ ବୋଲି କମ୍ପାନୀ ଦାବି କରୁଛି। ଏହାର ସ୍ୱାଦ ବି ନାହିଁ। ତେଣୁ ଖାଦ୍ୟ ଖାଇଲେ ଖାଦ୍ୟର ସ୍ୱାଦରେ କିଛି ପରିବର୍ତ୍ତନ ଆସେ ନାହିଁ। ତେବେ ବୈଜ୍ଞାନିକ ଏହା ଉପରେ ଗବେଷଣା କରୁଛନ୍ତି। ଏହାକୁ ଦୀର୍ଘଦିନ ବ୍ୟବହାର କଲେ ଦାନ୍ତ ଉପରେ କିଛି କୁପ୍ରଭାବ ପଡ଼ିବ କି ନାହିଁ ଗବେଷଣା ଚାଲିଛି।





# ଛଅ ମାସର ଶିଶୁ କରୁଛି ୱାଟର ସ୍କିଂ



ବୟସ ମାତ୍ର ଛଅ ମାସ, ହେଲେ ଭଲ ଲାଗେ ତାକୁ ପାଣିରେ ସ୍କିଂ କରିବା। ଟିକେ ବି ଭୟର ଛାପ ନ ଥାଏ ତା' ମୁହଁରେ। ବେଶ୍ ହସ ହସ ମୁହଁରେ ଅଥଳ ଥଳ ଜଳରେ ସେ କରିଥାଏ ସ୍କିଂ। ଏଇ କୁନି ସାହସୀ ଛୁଆଟି ହେଉଛି ରିଚ୍ କେସି ହମ୍ଫ୍ରି। ଏହି ଦୁଃସାହସିକ କାମ ପାଇଁ ତା'ର ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ଗଭୀର ଜଳରେ ସ୍କିଂ କରିବା ପୂର୍ବରୁ ରିଚ୍‌ର ବାପାମା' ତାକୁ ଘରେ ତାଲିମ ଦେଇଥିଲେ। କୁନି ରିଚ୍ ଅନୁଯାୟୀ ଏକ ସ୍କିଂ ବୋର୍ଡ ତିଆରି କରିଥିଲେ। ସେଥିରେ ତା'ର କୁନି ପାଦ ଭଲରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ବୋର୍ଡରେ ଲୁହା ରଡ୍‌ର ବାଡ଼ ଭଳି କରାଯାଇଛି, ଯାହାକୁ ରିଚ୍ ଧରି ସନ୍ତୁଳନ ରକ୍ଷା କରି ସହଜରେ ଠିଆ ହୋଇଥାଏ। ପ୍ରଥମେ ଏହି ସ୍ୱତନ୍ତ୍ର ବୋର୍ଡ ଉପରେ ରିଚ୍‌କୁ ଠିଆ କରାଇ ଘରେ କୋମଳ କାରପେଟ୍ ଉପରେ ଟାଣିଥିଲେ। ରିଚ୍ ସନ୍ତୁଳନ ରକ୍ଷା କରି ଠିଆ ହୋଇପାରିବା ସହ ବେଶ୍ ମଜା ଉଠାଇଥିଲା। ଏହାପରେ ରିଚ୍ କିଭଳି ସୁରକ୍ଷିତଭାବେ ଆମେରିକା, ଉତାହର ଲେକ ପୋୱେଲରେ ସ୍କିଂ କରିବ ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା। ଲାଇଫ୍ ଜ୍ୟାକେଟ୍ ପିନ୍ଧାଯିବା ସହ ରିଚ୍‌ର ସ୍କିଂ ବୋର୍ଡର ପୂରା ନିକଟରେ ବୋଟ୍‌ରୁ ହାତ ପାଇବା ଭଳି ବସିଥିଲେ ରିଚ୍‌ର ବାପା। ଆଉ ରିଚ୍ ବିନା କୌଣସି ଭୟରେ ବେଶ୍ ଆରାମରେ ହ୍ରଦରେ ସ୍କିଂ କରିଥିଲା। ତା'ର ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ସାଙ୍ଗେ ସାଙ୍ଗେ ଭାଇରାଲ ହୋଇଯାଇଥିଲା। ଅନେକେ ରିଚ୍‌ର ବାପାମା'ଙ୍କୁ ସମାଲୋଚନା ବି କରିଥିଲେ। ତେବେ ସେ ଯାହା ବି ହେଉ ଏତେ କମ୍ ବୟସରେ ୱାଟର ସ୍କିଂ କରିଥିବାରୁ ସେ ରେକର୍ଡଧାରୀ ହୋଇପାରିଲା।




# ପାସେଞ୍ଜର ପୁଶର୍

ପେଟ ଚାଖଣ୍ଡକ ପାଇଁ ମଣିଷକୁ କାମ କରିବାକୁ ପଡ଼େ। ବେଳେବେଳେ ତ କାମ ଅଜବ ହେଲେ ବି କରିବାକୁ ହୁଏ। ଯେମିତି କି ଜାପାନରେ ଏମିତି ଏକ ଚାକିରି ଅଛି; ଯାହା କି ବେଶ୍ ଅଜବ। ତଥାପି ଅନେକ ଲୋକ ଏହାକୁ କରନ୍ତି। ଚାକିରି ହେଉଛି ଟ୍ରେନ୍ ପୁଶର୍ ବା ପାସେଞ୍ଜର ପୁଶର୍‌ର। ଭାବୁଥିବେ ଏଥିରେ ବୋଧହୁଏ ଟ୍ରେନ୍‌କୁ ଠେଲିବାକୁ ପଡୁଥିବ। ତେବେ ଏଥିରେ ଟ୍ରେନ୍‌କୁ ଠେଲିବାକୁ ପଡ଼େନି ବରଂ ଠେଲାଯାଏ ଯାତ୍ରୀଙ୍କୁ। କଥା କ'ଣ କି ଟୋକିଓରେ ଟ୍ରେନଗୁଡ଼ିକ ପ୍ରବଳ ଭିଡ଼ ହୁଏ। ବେଳେବେଳେ ଟ୍ରେନ୍ ଏତେ ଭିଡ଼ ହୁଏ ଯେ, ଟ୍ରେନ୍ ବଗିର ଡୋର୍ ବନ୍ଦ କରି ହୁଏନା। ଟ୍ରେନ୍ ପୁଶର୍ ବା ପାସେଞ୍ଜର୍ ପୁଶର୍‌ମାନେ ଲୋକଙ୍କୁ ବଗି ଭିତରକୁ ଜୋର୍ ଜବରଦସ୍ତ ଠେଲି ବଗିର ଡୋର୍ ବନ୍ଦ କରନ୍ତି। ହେଲେ ସେମାନଙ୍କୁ ଦେଖିବାକୁ ହୁଏ ଯେମିତି କି କୌଣସି ଯାତ୍ରୀ ଡୋର୍‌ରେ ଚାପି ନ ହୁଅନ୍ତି। ପ୍ରଥମେ ଜାପାନର ଶିଞ୍ଜୁକୁ ଷ୍ଟେଶନ୍‌ରେ ଟ୍ରେନ୍ ପୁଶର୍ ନିୟୋଜିତ ହୋଇଥିଲେ। ଏମାନଙ୍କୁ ପାସେଞ୍ଜର ଆରେଞ୍ଜମେଣ୍ଟ ଷ୍ଟାଫ୍ କୁହାଯାଉଥିଲା। ଏବେ ଏମାନେ ପାସେଞ୍ଜର ବା ଟ୍ରେନ୍ ପୁଶର୍ ଭାବେ ପରିଚିତ।

